## ଅଲ୍ଲାଃ ତାଲାଙ୍କ ବାଣୀ

وَاَطِيۡعُوا اللّٰهَ وَاَطِيۡعُوا الرَّسُوۡلَ وَاحۡذَرُوۡا ۚ فَاِنۡ تَوَلَّيۡتُمۡ فَاعۡلَمُوۡۤا اَنَّمَا عَلٰى رَسُوۡلِنَا الۡبَلٰغُ الۡمُبِيۡنُ

(93:سورۃ المائدہ)

ଅନୁବାଦ- ଏବଂ ତୁମେମାନେ ଅଲ୍ଲାଃଙ୍କର ଆଜ୍ଞାପାଳନ କର ଓ ସେହି ରସୁଲଙ୍କର (ମଧ୍ୟ) ଆଜ୍ଞାପାଳନ କର ଏବଂ ସତର୍କ ରହ; କିନ୍ତୁ ଯଦି ତୁମେମାନେ (ଏହି ଚେତାବନୀ ସତ୍ତ୍ୱେ) ଫେରିଯାଅ ତେବେ ଜାଣିରଖ ଯେ କେବଳ ପ୍ରକାଶ୍ୟ ଭାବରେ (ଆମ୍ଭର ବାର୍ତା) ପହଂଚାଇ ଦେବା ଦାୟିତ୍ୱ ଆମ୍ଭ ରସୁଲଙ୍କର ଅଟେ । *(ସୁରଃ ଅଲ ମାଇଦାଃ:୯୩)*


بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 7

ସଂଖ୍ୟା 22-23

ସାପ୍ତାହିକ ବଦର

Weekly BADAR Qadian

କାଦିଆନ

Odia

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ୍ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

02-09 ଜୁନ 2022    02-09 ଏହ୍‌ସାନ୍ 1401 ହି.ଶ    01-08 ଜୁଲ୍‌କାଦାଃ 1443 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ଈଶ୍ୱରଙ୍କ ପ୍ରେରିତ ଦୂତ ତଥା ଔଲିୟାଅଲ୍ଲାଃ ମାନଙ୍କୁ ବିରୋଧ କରିବା ଏବଂ ସେମାନଙ୍କୁ ଦୁଃଖ କଷ୍ଟ ଦେବାର ପରିଣାମ କେବେ ବି ଭଲ ହୋଇନଥାଏ । ଯଦି ଜଣେ ଏହା ଭବୁଥାଏ ଯେ ମୁଁ ଏମାନଙ୍କୁ ହଇରାଣ ହରକତ କରି ଓ ଦୁଃଖ କଷ୍ଟ ଦେଇ ବି ଆରାମରେ ରହିପାରେ, ତାହେଲେ ସେ ଭିଷଣ ଭୂଲ କରୁଛି ଓ ତା ମନ ତାକୁ ଧୋକା ଦେଉଛି ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

ଏହା ଏକ ଚିରାଚରିତ କଥା ଯେ ଯେବେ ଜଣେ କାହାକୁ ଭଲପାଉଥାଏ,ଏପରି ଭଲପାଇବା ଯେପରି ଜଣେ ନିଜ ସନ୍ତାନକୁ ଭଲପାଇଥାଏ । ସେହିପରି ଆଉଜଣେ ବ୍ୟକ୍ତି ଏପରି ଥାଏ ଯିଏ ବାରମ୍ବାର ଏକଥା କହିଥାଏ ଯେ ଇଏ ମରିଯାଉ କିମ୍ବା ଏହିପରିକା ହୃଦୟବିଦାରକ କଥା କହିଥାଏ ଓ ତାକୁ କଷ୍ଟ ପହଂଚାଇଥାଏ , ସେତେବେଳେ ସେହି ଲୋକଜଣକ ତାଉପରେ କାହିଁକି ଖୁସି ହୋଇପରିବ । ସେହିପରି ଜଣେ ବାପା, ଯାହାର ପିଲାମାନଙ୍କ ପାଇଁ ସେହି ଲୋକଟି ଅଭିଷାପା ଦେଇଚାଲିଥାଏ କିମ୍ବା ତା ମନକୁ ଦୁଃଖ ଦେଉଥିବା ପରି କଥା କହୁଥିବ, ତାହେଲେ ସେ ଏମିତି କଥା କହୁଥିବା ଲୋକକୁ କିପରି ଭଲ ପାଇପାରେ ? ଠିକ ସୋହିପରି ଅଓଲିୟାଅଲ୍ଲାଃ(ଅଲ୍ଲାଃଙ୍କ ତରଫରୁ ପ୍ରେରିତ ୱଲି)ମଧ୍ୟ ଇତ୍‌ଫାଲୁଲ୍ଲାଃ(ଅଲ୍ଲାଃଙ୍କ ସନ୍ତାନ)ସଦୃଶ । କାରଣ ସେମାନେ ଶାରିରୀକ ପ୍ରାପ୍ତ ବୟସ୍କର ଖୋଳପାକୁ ବାହାର କରିଦେଇଥାନ୍ତି ଏବଂ ଅଲ୍ଲାଃଙ୍କ କରୁଣାର କୋଳରେ ଲାଳିତପାଳିତ ହୋଇ ବଢିଥାନ୍ତି । ସେ (ଅର୍ଥାତ ଅଲ୍ଲାଃ) ସେମାନଙ୍କର ଟ୍ରଷ୍ଟି , ବିଶ୍ୱାସଯୋଗ୍ୟ ତଥା ସେମାନଙ୍କ ପାଇଁ ଆତ୍ମସ୍ୱଭିମାନୀ ହୋଇଥାଏ । ଯେବେ କୌଣସି ବ୍ୟକ୍ତି (ସେ କେମିତିକା ବି ନମାଜି ହୋଇଥାଉ ଓ ରୋଜା ରଖିବାବାଲା ହୋଇଥାଉ ନା କାହିଁକି) ସେମାନଙ୍କର ବିରୋଧ କରେ ଓ ସେମାନଙ୍କୁ ଦୁଃଖ କଷ୍ଟ ଦେବାପାଇଁ ଅଂଟା ଭିଡିଥାଏ, ସେତେବେଳେ ଅଲ୍ଲାଃତାଲାଙ୍କ ଆତ୍ମସ୍ୱାଭିମାନର ଆବେଗ ଯୋଶ୍ ମାରିଥାଏ ଓ ସେମାନଙ୍କୁ ବିରୋଧକରୁଥିବା ଲୋକମାନଙ୍କ ଉପରେ ତାହାର କ୍ରୋଧ ଭଡକି ଉଠେ । ଏହା କେବଳ ଏଇଥିପାଇଁ ଯେ ସେମାନେ ତାହାର ଜଣେ ପ୍ରିୟକୁ ଦୁଃଖ ଦେବାକୁ ଚାହିଁଲେ । ସେତେବେଳେ ନା ତ ତାର (ଅର୍ଥାତ ସେହି ବିରୋଧିର) ନମାଜ କାମରେ ଆସିଥାଏ ନା ତାହାର ରୋଜା । କାରଣ ଯେଉଁ ନମାଜ ଏବଂ ରୋଜା ଜରିଆରେ ସେହି ସତାକୁ (ଅର୍ଥାତ ଅଲ୍ଲାଃଙ୍କ ଅସ୍ତିତ୍ୱକୁ)ସନ୍ତୋଷ କରିବାର ଥିଲା ,ତାହାକୁ ଆଉ ଗୋଟିଏ କର୍ମଦ୍ୱାରା ଅସନ୍ତୁଷ୍ଟ କରିଦିଆଗଲା । ଯେ ପର୍ଯ୍ୟନ୍ତ ସେହି ଈଶ୍ୱରୀୟ କ୍ରୋଧ ଦୂର ନହୋଇଛି ସେପର୍ଯ୍ୟନ୍ତ ସେହି ସନ୍ତୁଷ୍ଟତାର ସ୍ଥିତି କାହୁଁ ବା ମିଳିପାରେ । ଏବଂ ଏମିତି ଅବୋଧ , ଯିଏ ସେହି କ୍ରୋଧର କାରଣକୁ ଜାଣିପାରୁନାହିଁ ବରଂ ନିଜ ନମାଜ ତଥା ରୋଜା ପାଇଁ ଗର୍ବିତ, ତାହାର ଫଳାଫଳ ଏହା ହୋଇଥାଏ ଯେ ଅଲ୍ଲାଃତାଲାଙ୍କ କ୍ରୋଧ ଦିନକୁ ଦିନ ତାଉପରେ ବଢିଚାଲେ । ସେ ତାହାର ନିକଟବର୍ତୀ ହେବା ପରିବର୍ତେ ଦିନକୁ ଦିନ ଅଲ୍ଲାଃତାଲାଠାରୁ ଦୂରକୁ ଦୂର ଚାଲିଯାଏ । ଏପରିକି ସେ ଈଶ୍ୱରଙ୍କ ଆସ୍ଥାନରୁ ସମ୍ପୂର୍ଣ୍ଣ ରୂପେ ବହିସ୍କୃତ ହୋଇଯାଇଥାଏ । ଠିକ୍ ସେହିପରି ଏମିତି ଜଣେ ବ୍ୟକ୍ତି ଅଛି ଯିଏ ସମ୍ପୂର୍ଣ୍ଣ ରୂପେ ଫନା (ଅର୍ଥାତ ଈଶ୍ୱରଙ୍କ ପ୍ରେମରେ ବିଲିନ) ହୋଇଯାଏ, ଈଶ୍ୱରଙ୍କ ଆସ୍ଥାନରେ ପଡିରହିଥାଏ, ଈଶ୍ୱରଙ୍କ କୋଳରେ ଲାଳିତପାଳିତ ହୋଇଥାଏ,ଫଳତଃ ଖୁଦାତାଲାଙ୍କ କରୁଣା ତାକୁ ଢାଙ୍କିନେଇଥାଏ । ଏପରିକି ତାସହିତ ବାର୍ତାଳାପ କରିବା ଈଶ୍ୱରଙ୍କ ସହିତ ବାର୍ତାଳାପ କରିବା ହୋଇଥାଏ । ତାହାର ବନ୍ଧୁ ଈଶ୍ୱରଙ୍କ ବନ୍ଧୁ ଏବଂ ତାହାର ଶତ୍ରୁ ଈଶ୍ୱରଙ୍କ ଶତ୍ରୁ ହୋଇଥାଏ । ସୁତରାଂ ଖୁଦାତାଲାଙ୍କର ଶତ୍ରୁ ହୋଇ କୌଣସି ଲୋକ ପୂର୍ଣ୍ଣ ମୋମିନ୍ (ଅର୍ଥାତ ପୂର୍ଣ୍ଣ ଈଶ୍ୱର ବିଶ୍ୱାସୀ) କେମିତି ବା ହୋଇପାରିବ । ଏମିତି ହେଲେ ତାର ଇମାନ୍ (ବିଶ୍ୱାସ) ନଷ୍ଟ ହୋଇଯାଇଥାଏ ଓ ତାକୁ ମଗଜୁବେ ଆଲୈହିମ୍ (ଅର୍ଥାତ ମାର୍ଗଭ୍ରଷ୍ଟ ହୋଇଥିବା ଲୋକମାନଙ୍କ) ମଧ୍ୟରେ ଗଣା ହୋଇଥାଏ । ଈଶ୍ୱରଙ୍କ ପ୍ରେରିତ ଦୂତ ତଥା ଔଲିୟାଅଲ୍ଲାଃ ମାନଙ୍କୁ ବିରୋଧ କରିବା ଏବଂ ସେମାନଙ୍କୁ ଦୁଃଖ କଷ୍ଟ ଦେବାର ପରିଣାମ କେବେ ବି ଭଲ ହୋଇନଥାଏ । ଯଦି ଜଣେ ଏହା ଭବୁଥାଏ ଯେ ମୁଁ ଏମାନଙ୍କୁ ହଇରାଣ ହରକତ କରି ଓ ଦୁଃଖ କଷ୍ଟ ଦେଇ ବି ଆରାମରେ ରହିପାରେ, ତାହେଲେ ସେ ଭିଷଣ ଭୂଲ କରୁଛି ଓ ତା ମନ ତାକୁ ଧୋକା ଦେଉଛି । ***(ମଲଫୁଜାତ୍ ଖ-୦୧ ପୃ-୩୧୪ ମୁଦ୍ରିତ ୨୦୧୮ କାଦିଆନ୍)***

## ନବୀ ସ:ଆ:ସଙ୍କ ବାଣୀ

### ସଠିକ୍ ସ୍ଥାନରେ ଖର୍ଚ୍ଚ କରିବା ତଥା ଅନ୍ୟମାନଙ୍କୁ ଜ୍ଞାନ ଶିକ୍ଷା ଦେବାର ଗୁରୁତ୍ୱ

*(୧୪୦୯) ହଜରତ୍ ଇବନେ ମସଉଦ୍ ର ଅ ଙ୍କଠାରୁ ବର୍ଣ୍ଣିତ ଅଛି ଯେ ସେ କହିଲେ - ମୁଁ ନବି ସ ଆ ସ ଙ୍କଠାରୁ ଶୁଣିଛି ଯେ , ସେ କହୁଥିଲେ : ଈର୍ଷା କରିବା ଠିକ୍ ନୁହେଁ କିନ୍ତୁ କେବଳ (ଦୁଇଜଣକ) ଉପରେ । ଜଣେ ହେଉଛି ସେ ଯାହାକୁ ଅଲ୍ଲାଃତାଲା ଧନସମ୍ପତି ଦେଇଥିବେ ଓ ପୁଣି ତାହାକୁ ଯଥା ସ୍ଥାନରେ ଖର୍ଚ୍ଚ କରିବା ପାଇଁ ସୌଭାଗ୍ୟ ବି ଦେଇଥିବେ । ଆଉଜଣେ ହେଉଛି ଏପରି ଲୋକ ଯାହାକୁ ଅଲ୍ଲାଃତାଲା ଉଚିତ୍ ଜ୍ଞାନ ଦେଇଥିବେ ଓ ସେହି ଲୋକଟି ନିଜେ ତା ଉପରେ ପରିଚାଳିତ ହେବା ସଙ୍ଗେ ସଙ୍ଗେ ଲୋକମାନଙ୍କୁ ବି(ତାହାର) ଶିକ୍ଷା ଦେଇଚାଲିଥାଏ ।*

### ସଦକାଃ ଏବଂ ଜକାତ୍ ପବିତ୍ର ଧନରୁ ଦେବା

*(୧୪୧୦) ହଜରତ୍ ଅବୁବକର୍ ର ଅ ଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବି ସ ଆ ସ କହିଲେ : ଯଦି ଜଣେ ପବିତ୍ର ରୋଜଗାରରୁ* ଗୋଟିଏ ଖଜୁରୀ ସମ ସଦକା ବି ଦେଲା, ଓ ଅଲ୍ଲାଃ ପବିତ୍ର ବସ୍ତୁକୁ ହିଁ ଗ୍ରହଣ କରିଥାନ୍ତି । ଏବଂ ଅଲ୍ଲାଃ ସେହି ସଦକାଃକୁ ନିଜର ଡାହାଣ ହାତରେ ଗ୍ରହଣ କରିଥାନ୍ତି । ତାପରେ ସଦକାଃ ଦେଇଥିବା ଲୋକଟିର ଧନସମ୍ପତିକୁ ବଢାଇଚାଲିଥାନ୍ତି । ଏହା ହେଉଛି ଏପରି, ଯେପରି ତୁମମାନଙ୍କ ମଧ୍ୟରୁ ଜଣେ ନିଜ ସାଙ୍ଗମାନଙ୍କଠାରୁ ବିଛିଡିଯିବା ପରେ ପୁଣି ସେମାନଙ୍କୁ ପାଇନିଏ । ଏପରିକି ସେହି (ସଦକାଃ )ପାହାଡ ସଦୃଶ ହୋଇଯାଇଥାଏ ।

*(ସହି ବୁଖାରୀ, ଖଣ୍ଡ-୩, କିତାବୁଲ୍ ଜକାତ୍ ମୁଦ୍ରିତ କାଦିଆନ୍ ୨୦୦୮)*

ନବି ଈଶ୍ୱରଙ୍କ କୃପାରୁ ନିରିହ ହୋଇଥାନ୍ତି,ଯଦି ଏମିତି କଥା ତାହେଲେ ପୁଣି ତାଙ୍କର ଇଗ୍‌ଫିରଲି କହିବାର ତାତ୍ପର୍ଯ୍ୟ କ'ଣ ? ମୋମିନ୍ (ବିଶ୍ୱସକାରୀ)ର ଭିନ୍ନ ଭିନ୍ନ ସ୍ତର ଅନୁଯାୟୀ ଭିନ୍ନ ଭିନ୍ନ ଅର୍ଥ ।

ସୟଦନା ହଜରତ୍ ମୁସଲେହ୍ ମଉଦ ର ଅ ସୁରଃ ଇବ୍ରାହିମ୍ ଆୟତ ନଂ-୪୨ ***ରବ୍‌ବ ନଗ୍‌ଫିର୍‌ଲି ୱ୍ଲିୱ୍ୱାଲିଦୟା ୱ୍ଲିଲ୍ ମୁମିନିନା ୟୋମା ୟକୁମୁଲ୍ ହିସାବ୍*** ର ବ୍ୟାଖ୍ୟା କରି କହିଛନ୍ତି:

ନବି ଈଶ୍ୱରଙ୍କ କୃପାରୁ ନିରିହ ହୋଇଥାନ୍ତି,ଯଦି ଏମିତି କଥା ତାହେଲେ ପୁଣି ତାଙ୍କର ***ଇଗ୍‌ଫିରଲି*** କହିବାର ତାତ୍ପର୍ଯ୍ୟ କ'ଣ ? ବାସ୍ତବ କଥା ହେଉଛି ଏହା କି ଜଣେ ଗଏର୍ ଆରିଫ୍ (ଅର୍ଥାତ ଈଶ୍ୱରଙ୍କୁ ଚିହ୍ନି ନଥିବା ଲୋକ)ର ଦୃଷ୍ଟି ହେଉଛି ସୀମିତ । ତାର ଦୃଷ୍ଟି ମଣିଷ ପର୍ଯ୍ୟନ୍ତ ହିଁ ରହିଥାଏ ଓ ମଣିଷ ଠାରେ ହିଁ ସନ୍ତୁଷ୍ଟି ପାଇଥାଏ । କିନ୍ତୁ ଜଣେ ଆରିଫ୍ (ଅର୍ଥାତ ଈଶ୍ୱରଙ୍କୁ ଚିହ୍ନୁଥିବା ବ୍ୟକ୍ତି ବିଶେଷ)ର ଦୃଷ୍ଟି ଉପରକୁ ବଢିଚାଲିଥାଏ । ସେ ଏକଥା ଜାଣିସାରିଥାଏ ଯେ ଅଲ୍ଲାଃତାଲାଙ୍କ ଆଗରେ ମଣିଷର ଅସ୍ତିତ୍ୱ କ'ଣ । ସୂର୍ଯ୍ୟ ସାମନାରେ ଗୋଟିଏ କଣିକାର ସ୍ଥିତି କ'ଣ । କାରଣ ମଣିଷ ହିଁ ତାଙ୍କରି ସୃଷ୍ଟି । ତା ଜୀବନ ବି ଅଲ୍ଲାଃତାଲାଙ୍କ ପ୍ରଦତ ଏବଂ ମାର୍ଗଦର୍ଶନ ବି ତାହାଙ୍କଠାରୁ(ଅର୍ଥାତ ଅଲ୍ଲାଃତାଲାଙ୍କ ନିକଟରୁ)ଆସିଥାଏ । ଗାଲିବ୍ କେଡେ ସୁନ୍ଦର କଥା କହିଛନ୍ତି

***''ଜାନ୍ ଦି ଦିହୁଇ ଉସିକି ଥି ,ହକ୍ ତୋ ୟହ୍ ହୈ କେ ହକ୍ ଆଦା ନା ହୁଆ ''*** ସୁତରାଂ ନବି ଯେହେତୁ ଆରିଫ୍ (ଅର୍ଥାତ ଈଶ୍ୱରଙ୍କୁ ଚିହ୍ନୁଥିବା ବ୍ୟକ୍ତି ବିଶେଷ) ହୋଇଥାନ୍ତି,ତେଣୁ ସେ ନିଜର ଅସ୍ତିତ୍ୱକୁ ଦେଖୁଥାନ୍ତି ତଥା ଜାଣୁଥାନ୍ତି ଯେ ଯାହା କିଛି ମୁଁ କରୁଅଛି, ତାହା ମୁଁ କରୁନାହିଁ ବରଂ ଖୁଦା ହିଁ କରୁଛନ୍ତି । ସେଇଥିପାଇଁ ସେ ଦୁଆ କରିଥାନ୍ତି ଯେ ହେ ଅଲ୍ଲାଃ ମୋ ଅସ୍ତିତ୍ୱକୁ ଯଥାସମ୍ଭବ ଲୁଚାଇ ରଖନ୍ତୁ ଏବଂ ତୁମ୍ଭର ଅସ୍ତିତ୍ୱକୁ ଯଥାସମ୍ଭବ ଅଧିକରୁ ଅଧିକା ପ୍ରକାଶ କରନ୍ତୁ । ଏଠାରେ ଇଗ୍‌ଫିର୍‌ଲି କହିବାର ତାତ୍ପର୍ଯ୍ୟ ଏମିତି ହେବ ଯେ ହେ ଈଶ୍ୱର ! ତୁମ୍ଭକୁ ମୋ ଭଲପାଇବାର ସୌଗନ୍ଧ ଯେ ତୁମ୍ଭେ ନିଜର ଆବରଣକୁ ମୋ ଉପରେ ଢାଙ୍କି ରଖ । ଅର୍ଥାତ ମୋ ଅସ୍ତିତ୍ୱ ଲିଭିଯାଇ ତୁମ୍ଭ ଅସ୍ତିତ୍ୱ ମୋ ଜରିଆରେ ପ୍ରକାଶିତ ହେଉ । ଏକଥା ସ୍ୱଷ୍ଟ ଯେ ସେବକଙ୍କ ଜରିଆରେ ଅଲ୍ଲାଃଙ୍କର ଅସ୍ତିତ୍ୱ ଯେତେ ଅଧିକ ପ୍ରକାଶ ପାଇବ, ସେ ସେତେମାତ୍ରାରେ ନିଜର ପୂର୍ଣ୍ୟଉଦ୍ଦେଶ୍ୟରେ ସଫଳ ହେବ । ହଁ ଯେତେବେଳେ ଅନ୍ୟମାନଙ୍କ ପାଇଁ ଏ ଶବ୍ଦ ଆସେ ସେତେବେଳେ ସେମାନଙ୍କ ପଦମର୍ଯ୍ୟାଦା ଅନୁସାରେ ଏହାର ଅର୍ଥ କରାଯିବ । ଜଣେ ଉଚ୍ଚସ୍ତରର ମୋମିନ୍ (ଈଶ୍ୱରବିଶ୍ୱାସୀ) ଏ ଶବ୍ଦ ବ୍ୟବହାର କରିବ,ତାହେଲେ ଏହାର ଅର୍ଥ ଏପରି ହେବ ଯେ, ସେହି ସମସ୍ତ ଦୃବଳତା ଯାହା ମୋତେ ସିଦ୍ଧତାରୁ ବଂଚିତ କରୁଅଛି, ସେଥିରୁ ମୋତେ ରକ୍ଷା କରନ୍ତୁ । ମଧ୍ୟମ ଧରଣର ମୋମିନ(ଈଶ୍ୱରବିଶ୍ୱାସୀ)ଙ୍କ ପାଇଁ ଯଦି ଏ ଶବ୍ଦ ବ୍ୟବହାର ହେବ ତାହେଲେ ଏହାର ଅର୍ଥ ଏପରି ହେବ ଯେ,ମୋର ସମସ୍ତ ଦୋଷ ଦୃବଳତାକୁ ଘୋଡାଇଦେଇ ମୋତେ ଉଚ୍ଚରୁ ଉଚ୍ଚ ଓ ଅଧିକରୁ ଅଧିକ ଉନ୍ନତି କରିବାପାଇଁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଯେବେ ଜଣେ ସାଧାରଣ ମୋମିନ୍ ଏ ଶବ୍ଦ ବ୍ୟବହାର କରେ ତାହେଲେ ଏହାର ଅର୍ଥ ଏପରି ହେବ ଯେ,ମୋ ପାଦକୁ ବିଶ୍ୱାସରେ ସ୍ଥିର ରଖନ୍ତୁ । ମୋ ପାପଗୁଡିକ ମୋତେ ତଳିତଳାନ୍ତ ନକରିଦିଅନ୍ତୁ । ଆଉ ଯେବେ ଜଣେ ସତ୍ୟର ସନ୍ଧାନକାରୀ ଏ ଶବ୍ଦ ବ୍ୟବହାର କରେ ତାହେଲେ ଏହାର ଅର୍ଥ ଏପରି ହେବ ଯେ,ମୋ ପାପଗୁଡିକ ମୋତେ ମାର୍ଗଦର୍ଶନ ପ୍ରାପ୍ତ କରିବାରୁ ବଂଚିତ ନକରିଦେଉ ତେଣୁ ମୋ ପାପଗୁଡିକୁ କ୍ଷମା କରିଦିଅ । ଏହି ଶବ୍ଦର ବ୍ୟବହାର ଭିନ୍ନ ଭିନ୍ନ ଅବସରରେ ଏପରି କରାଯାଇଥାଏ ଯେପରି 'ଜବ୍‌ବାର' ଶବ୍ଦଟିର ବ୍ୟବହାର ହୋଇଥାଏ । ଯେବେ ଏହା ଅଲ୍ଲାଃତାଲାଙ୍କ ପାଇଁ ବ୍ୟବହାର ହୋଇଥାଏ, ସେତେବେଳେ ଏହାର ଅର୍ଥ ମୁସଲେହ୍ (ଅର୍ଥାତ ସଂସ୍କାରକ) ଭାବରେ କରାଯାଇଥାଏ । ଯେବେ ଏହା ଲୋକମାନଙ୍କ ପାଇଁ ବ୍ୟବହାର ହୁଏ ସେତେବେଳେ ଏହାର ଅର୍ଥ ଜଣେ ବିଦ୍ରୋହୀ ବା ଆଇନ ଭଙ୍ଗକାରୀ ଭାବରେ କରାଯାଇଥାଏ । ଏହା ମନେରଖିବା ଉଚିତ ଯେ ଅଲ୍ଲାଃତାଲା ନିଜ ନବିମାନଙ୍କ ସମ୍ବନ୍ଧରେ କୁହନ୍ତି : ଅଲ୍ଲାହୁ ୟଜ୍‌ତବୀ ମିର ରୁସୁଲିହି । (ଅର୍ଥାତ ଅଲ୍ଲାଃତାଲା ନିଜର ନବି ତଥା ରସୁଲମାନଙ୍କୁ ସ୍ୱୟଂ ଚୟନ କରିଥାନ୍ତି) । ଯଦି ଅଲ୍ଲାଃତାଲା ସେମାନଙ୍କୁ ଚୟନ କରିଥାନ୍ତି ତାହେଲେ ପୁଣି ସେମାନଙ୍କଠାରେ ପାପ କାହୁଁ ଆସିପାରେ । ଯେବେ ସେମାନେ ଜଗତରୁ ଅଲଗା ହୋଇ ସର୍ବଶକ୍ତିମାନ ପରମେଶ୍ୱରଙ୍କ ନିକଟତର ହୁଅନ୍ତି, ସେତେବେଳେ ଶୟତାନ କେଉଁଠାରୁ ଆସିବ ? ଶୟତାନ ତ ସର୍ବଶକ୍ତିମାନ ପରମେଶ୍ୱରଙ୍କ ନାଁ ଶୁଣି ପଳାୟନ କରିଥାଏ । ସେହିଭଳି ଅନ୍ୟ ଏକ ସ୍ଥାନରେ ଅଲ୍ଲାଃତାଲା କୁହନ୍ତି : **ଇନ୍ନା ଇବାଦୀ ଲୈସା ଲକା ଆଲୈହିମ୍ ସୁଲତାନ୍** । (ଅର୍ଥାତ ହେ ଶୟତାନ !) ଅବଶ୍ୟ ମୋର ସେବକମାନଙ୍କ ଉପରେ ତୁମର କୌଣସି ନିୟନ୍ତ୍ରଣ ନାହିଁ । ସୁତରାଂ ଯେବେ ନିୟମ ଏହା ରହିଛି ଯେ ଯିଏ ନିମ୍ନ ଉପାସନାକାରୀ ସ୍ଥିତିରେ ବି ରହିଛି, ଅଲ୍ଲାଃତାଲା ତାକୁ ବି ଶୟତାନର ନିୟନ୍ତ୍ରଣରୁ/ ଆଧିପତ୍ୟରୁ ସୁରକ୍ଷା କରନ୍ତି, ତାହେଲେ ଅଲ୍ଲାଃଙ୍କ ନବି ଓ ରସୁଲମାନେ,ଯେଉଁମାନେ ଅଲ୍ଲାଃତାଲାଙ୍କ ବିଶେଷ ସୁରକ୍ଷାବଳୟ ମଧ୍ୟରେ ରହିଥାନ୍ତି, ସେମାନଙ୍କ ନିକଟଦେଇ ଶୟତାନ କିପରି ଯାଇପାରେ ।

***(ତଫସୀର୍ କବୀର୍ ଖ-୦୩ ପୃ-୪୮୯ ମୁଦ୍ରିତ କାଦିଆନ୍ ୨୦୧୦)***

⌘⌘⌘⌘⌘⌘⌘⌘⌘⌘⌘

**ପବିତ୍ର କୁରଆନ୍ ଏବଂ ପବିତ୍ର ହଦିସଗୁଡିକରେ କୌଣସି ଗୁସ୍ତାଖେ ରସୁଲ (ଅର୍ଥାତ ରସୁଲଙ୍କ ପ୍ରତି ଅପମାନ ଓ ଅସମ୍ମାନ ପ୍ରଦର୍ଶନ କରିଥିବା ବ୍ୟକ୍ତି)ନିମନ୍ତେ ଏ ଦୁନିଆରେ ଦଣ୍ଡ ଦେବାର ଅଧିକାର କୌଣସି ମଣିଷକୁ ଦିଆଯାଇନାହିଁ ।**

**ସ୍ୱୟଂ ହଜରତ୍ ମୁହମ୍ମଦ୍ ମୁସ୍ତଫା ସ୍ୱଲଲ୍ଲାହୁ ଆଲୈହେ ୱ୍ ସଲ୍ଲମ୍ (ତହାଙ୍କ ଉପରେ ଈଶ୍ୱରଙ୍କ କରୁଣା ଅବତୀର୍ଣ୍ଣ ହେଉ)ମଧ୍ୟ କୌଣସି ଗୁସ୍ତାଖେ ରସୁଲ (ଅର୍ଥାତ ରସୁଲଙ୍କ ପ୍ରତି ଅପମାନ ଓ ଅସମ୍ମାନ ପ୍ରଦର୍ଶନ କରିଥିବା ବ୍ୟକ୍ତି)କୁ ଦଣ୍ଡ ଦେଇନାହାନ୍ତି ଏବଂ ଯେବେ ବି କୌଣସି ଅଭାଗା ଏପରି କାମ କରିଥିଲା, ତାହାକୁ ଦଣ୍ଡ ଦେବାପାଇଁ ହଜରତ୍ ଉମର ର ଅଙ୍କ ପରି ରସୁଲ ପ୍ରେମୀ ଯେତେବେଳେ ରସୁଲୁଲ୍ଲାଃ ସ୍ୱଲଲ୍ଲାହୁ ଆଲୈହେ ୱ୍ ସଲ୍ଲମ୍ (ତହାଙ୍କ ଉପରେ ଈଶ୍ୱରଙ୍କ କରୁଣା ଅବତୀର୍ଣ୍ଣ ହେଉ)ଙ୍କଠାରୁ ଅନୁମତି ଲୋଡିଲେ,ସେତେବେଳେ ହଜରତ୍ ମୁହମ୍ମଦ୍ ମୁସ୍ତଫା ସ୍ୱଲଲ୍ଲାହୁ ଆଲୈହେ ୱ୍ ସଲ୍ଲମ୍ (ତହାଙ୍କ ଉପରେ ଈଶ୍ୱରଙ୍କ କରୁଣା ଅବତୀର୍ଣ୍ଣ ହେଉ) ତାଙ୍କୁ ବି ଏହାର ଅନୁମତି ପ୍ରଦାନ କରିଲେ ନାହିଁ ।**

---

## ସୟଦନା ହଜରତ୍ ଅମୀରୁଲ୍ ମୁମିନୀନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ (ପଂଚମ)ଅ ବ ଅ ଙ୍କୁ ପଚରାଯାଇଥିବା କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ଅନ୍ତର୍ନିହିତ ତଥା ବ୍ୟବହାରିକ ଉତର

ନୋଟ୍:- ସୟଦନା ହଜ୍ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ବିଭିନ୍ନ ସମୟରେ ନିଜର ଚିଠିରେ ଏବଂ ଏମ୍‌ଟିଏ ର ବିଭିନ୍ନ ପ୍ରୋଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଯେଉଁ ସବୁ ମୂଲ୍ୟବାନ ଉପଦେଶମାନ ପ୍ରଦାନ କରିଛନ୍ତି, ପାଠକ/ପାଠିକାମାନେ ସେଥିରୁ ଲାଭ ଉଠାଇବା ପାଇଁ ଏଠାରେ କିଛି ବିଷୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ୍‌ଙ୍କୁ ଧନ୍ୟବାଦ ଅର୍ପଣ କରି ପ୍ରକାଶ କରାଯାଉଅଛି । (କାର୍ଯ୍ୟାଳୟ)

### ଭାଗ-୧୨

**ପ୍ରଶ୍ନ-** ଜଣେ ମହିଳା ହଜୁର ଅନଓ୍ୱର ଅ:ବ:ଅଙ୍କୁ ଜମଲ୍ ଯୁଦ୍ଧ ହେବା ବିଷୟରେ ଓ ତା'ର କାରଣ ଏବଂ ତା'ର ପ୍ରକୃତ ବାସ୍ତବିକତା ଜାଣିବାକୁ ଚାହିଁଲେ । ପୁଣି ସେ ଲେଖିଲେ ଯେ, କିଛି ଲୋକେ ଏ କଥା କହିଥାନ୍ତି କି ହଜରତ ଉମର ର:ଅ ହଜରତ ଫାତିମା ର:ଅଙ୍କ ଉପରେ ନିର୍ଦ୍ଦୟତାର ସହିତ ହାତ ଉଠାଇଥିଲେ । ସେଥିପାଇଁ ହଜରତ ଫାତିମା ର:ଅଙ୍କର ଗର୍ଭ ନଷ୍ଟ ହୋଇଗଲା । ଏ କଥାର ସତ୍ୟାସତ୍ୟ କ'ଣ ? ହଜୁର ଅନଓ୍ୱର ଅ:ବ:ଅ ଏହାର ଉତର ନିଜର ଚିଠି ଲିଖିତ ୨୧ ନଭେମ୍ବର ୨୦୧୯ରେ ନିମ୍ନଲିଖିତ ପ୍ରଦାନ କଲେ । ହଜୁର ଅନଓ୍ୱର ଅ:ବ:ଅ କହିଲେ

**ଉତର:-** ହଜରତ ଫାତିମା ର:ଅଙ୍କ ସମ୍ବନ୍ଧରେ ହଜରତ ଉମର ର:ଅଙ୍କ ଉପରେ ଲଗାଯାଇଥିବା ଆରୋପ ସମ୍ପୂର୍ଣ୍ଣ ରୂପେ ନିରର୍ଥକ, ଅସତ୍ୟ ଓ ଘଟଣା ବର୍ହିଭୁତ କଥା ଅଟେ । ହଜରତ ଫାତିମା ର:ଅ ହଜୁର ସ:ଆ:ସଙ୍କ ମୃତ୍ୟୁ ପରେ ଅଳ୍ପ କିଛି ମାସ ଜୀବିତ ରହିଥିଲେ ଏବଂ ଏହି ଅଳ୍ପ କିଛି ଦିନ ବି ସେ ଅଧିକାଂଶ ସମୟ ବେମାର ଅବସ୍ଥାରେ କଟାଇଥିଲେ । ପୁଣି ହଜରତ ଫାତିମା ର:ଅ ଆଁ ହଜରତ ସ:ଆ:ସଙ୍କ ନିଜ ସନ୍ତାନ ଥିଲେ ତେଣୁ ତାଙ୍କ ସହିତ ହଜରତ ଉମର ର:ଅଙ୍କ ଏପରି ନିର୍ଦ୍ଦୟ ବ୍ୟବହାର କିପରି ହୋଇପାରେ ? ଯେବେ କି ହଜରତ ଉମର ର:ଅ ଆଁ ହଜରତ ସ:ଆ:ସଙ୍କ ସହିତ ସର୍ମ୍ପକ ରଖିଥିବା ଅନ୍ୟ ଲୋକମାନଙ୍କ ସହିତ ଅତ୍ୟନ୍ତ ପ୍ରେମପୂର୍ଣ୍ଣ ସଦ୍‌ବ୍ୟବହାର କରୁଥିଲେ । ଅତଏବ ଗୋଟିଏ ଅବସରରେ ଯେତେବେଳେ ହଜରତ ଉମର ର:ଅଙ୍କ ପୁତ୍ର ହଜରତ ଅବ୍‌ଦୁଲ୍ଲାଃ ର:ଅ ହଜରତ ଉମର ର:ଅଙ୍କୁ ପ୍ରଶ୍ନ କଲେ ଯେ, ଆପଣ କାହିଁକି ମତେ ଉସାମା ବିନ୍ ଜୈଦ୍‌ଙ୍କଠାରୁ କମ୍ ୱ୍‌ଜିଫା (ଭତା) ଦେଲେ ? ଏଥିରେ ହଜରତ ଉମର ର:ଅ କହିଲେ ହଜରତ ଉସାମା ର:ଅ ରସୁଲୁଲ୍ଲାଃ ସ:ଆ:ସଙ୍କୁ ତୁମଠାରୁ ଅଧିକ ପ୍ରୀୟ ଥିଲେ ଓ ଉସାମାଙ୍କ ବାପା (ଅର୍ଥାତ ହଜରତ ଜୈଦ୍ ବିନ୍ ହାରିସା) ରସୁଲୁଲ୍ଲାଃ ସ:ଆ:ସଙ୍କୁ ତୁମ ବାପ (ଅର୍ଥାତ ହଜରତ ଉମର ର:ଅ) ଙ୍କ ଠାରୁ ଅଧିକ ପ୍ରୀୟ ଥିଲେ । ତେଣୁ ମୁଁ ସେଥିପାଇଁ ତୁମଠାରୁ ଅଧିକା ଭତା ତାଙ୍କୁ ଦେଇଚି ।

ଅତଃ ସେହି ବ୍ୟକ୍ତି ହଜୁର ସ:ଆ:ସଙ୍କ ଜଣେ ଗୁଲାମଙ୍କ ପୁତ୍ରକୁ ନିଜ ପୁଅ ଉପରେ ଏତେମାତ୍ରାରେ ଅଗ୍ରାଧିକାର ଦେଉଥିଲେ, ତାଙ୍କ ଉପରେ ଏ ଆରୋପ ଲଗାଇବା, ଅର୍ଥାତ ସେ ଆଁ ହଜରତ ସ:ଆ:ସଙ୍କ ନିଜର ସନ୍ତାନଙ୍କ ସହିତ ଏପରି ର୍ଦୁବ୍ୟବହାର କରିଥିଲେ ଏପରି କେଉଁ ପ୍ରକାର ବି ଠିକ୍ ନୁହେଁ । ହଜରତ ଉମର ର:ଅଙ୍କ ଶତ୍ରୁମାନଙ୍କ ତରଫରୁ ଏହା ତାଙ୍କ ଉପରେ ଗୋଟିଏ ମିଥ୍ୟାରୋପ ଅଟେ । ଯେଉଁଠି ଜମଲ୍ ଯୁଦ୍ଧର ବାସ୍ତବିକତା ଓ ପ୍ରକୃତ କଥା ବିଷୟ ଉଠୁଛି, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏହି ଯୁଦ୍ଧ ଦୁଇଟି ମୁସଲମାନ ଗୋଷ୍ଠୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଅର୍ଥାତ ହଜରତ ଅଲୀ ର:ଅ ଏବଂ ହଜରତ ଆଇଶା ର:ଅଙ୍କ ସୈନ୍ୟଦଳଙ୍କ ମଧ୍ୟରେ ହୋଇଥିଲା ଏବଂ ଏହା ଏତେ ଭୟଙ୍କର ଯୁଦ୍ଧ ହୋଇଥିଲା ଯେ, ମୁସଲମାନମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଯୁଦ୍ଧଗୁଡ଼ିକ ମଧ୍ୟରେ କୌଣସି ଥିରେ ଏମିତି ରକ୍ତପ୍ରଭାହ ହୋଇନାହିଁ । ଅନେକ ମୁସଲମାନ ଓ ବଡ଼ ବଡ଼ ଜର୍ନଲ ଓ ବାହାଦୂର ଏହି ଯୁଦ୍ଧରେ ମୃତ୍ୟୁବରଣ କରିଛନ୍ତି । କିନ୍ତୁ ଏହି ଯୁଦ୍ଧ କରିବା ପଛରେ ସେହି ଭ୍ରଷ୍ଟ ଓ ଦୁଷ୍ଟ ଲୋକମାନଙ୍କର ହାତ ଥିଲା ଯେଉଁମାନେ ହଜରତ ଉସ୍‌ମାନ୍ ର:ଅଙ୍କୁ ହତ୍ୟା କରିବା ପରେ ମଦିନାକୁ କବ୍‌ଜା କରିନେଇଥିଲେ ଓ ସେହି ଭ୍ରଷ୍ଟ ଲୋକମାନେ ଦୁଇଟି ମୁସଲମାନ ଗୋଷ୍ଠୀଙ୍କ ମଧ୍ୟରେ ଭୁଲ ବୁଝାମଣା ସୃଷ୍ଟି କରି ଏ ଯୁଦ୍ଧ କରିବାପାଇଁ ବାଧ କରିଦେଇଥିଲେ । ଏ ପ୍ରସଙ୍ଗରେ ହଜରତ ମୁସ୍‌ଲେହ ମଉଦ ର:ଅ ନିଜର ରଚିତ ପୁସ୍ତକ "ୱ୍‌କେୟାତ୍ ଖିଲାଫତେ ଅଲୁୱି"ରେ ବିସ୍ତାର ଭାବରେ ଚର୍ଚ୍ଚା କରିଛନ୍ତି । ସେହି ପୁସ୍ତକକୁ ମଧ ପଢ଼ନ୍ତୁ ।

**ପ୍ରଶ୍ନ:-** ମସ୍‌ଜିଦ୍‌ରେ ନମାଜ ପଢ଼ିବା ପାଇଁ ପିଲାମାନଙ୍କୁ ଅଜାନ୍ ଦେବା ସମ୍ବନ୍ଧରେ ଜଣେ ବନ୍ଧୁ ଶ୍ରୀମାନ୍ ମୁଫ୍‌ତି ସିଲ୍‌ସିଲା ସାହେବଙ୍କ ଦ୍ୱାରା ହାସଲ କରାଯାଇଥିବା ଫତୁଓ୍ୱାର ବିପରୀତ ନିଜ ରାୟ ପ୍ରକାଶ କରି ହଜରତ ଅମୀରୁଲ୍ ମୁମିନିନ୍ ଅ:ବ:ଅଙ୍କ ପବିତ୍ର ଗୋଚରେ ଏହା ଲେଖି ଜଣାଇଲେ ଯେ, ଛୋଟ ଛୋଟ ପିଲାମାନଙ୍କୁ ଅଜାନ୍ ଦେବା ପାଇଁ ଅନୁମତି ଦେବା ଠିକ୍ ନୁହେଁ । ହଜୁର ଅନଓ୍ୱର ଅ:ବ:ଅ ଏହାର ଉତର ନିଜର ଚିଠି ଲିଖିତ ୨୫ ଡ଼ିସେମ୍ବର ୨୦୧୯ରେ ନିମ୍ନଲିଖିତ ପ୍ରଦାନ କରିଛନ୍ତି ।

**ଉତର:-** ଏ ପ୍ରସଙ୍ଗରେ ଶ୍ରୀମାନ ମୁଫ୍‌ତି ସାହେବଙ୍କ ଉତର ସମ୍ପୁର୍ଣ୍ଣ ରୂପେ ଠିକ୍ ଓ ମୁଁ ଏଥିରେ ସହମତ । ଯଦି ଅଜାନ୍ ଦେଉଥିବା ଲୋକ ପାଇଁ କୌଣସି ସର୍ତାବଳୀ ଥା'ନ୍ତା ତାହେଲେ ଆଁ ହଜରତ ସ:ଆ:ସ ସେଥିପ୍ରତି ଆମର ଧ୍ୟାନ ଆକର୍ଷଣ ମଧ କରାଇଥାନ୍ତେ । ଯେମିତି ଆଁ ହଜରତ ସ:ଆ:ସ ନମାଜ ର ଇମାମତି କରାଇବା ଲୋକଙ୍କ ପାଇଁ କିଛି ସର୍ତାବଳୀ ବର୍ଣ୍ଣନା କରିଛନ୍ତି କିନ୍ତୁ ଅଜାନ୍ ଦେବା ପ୍ରସଙ୍ଗରେ ଆପଣ ସ:ଆ:ସ କେବଳ ଏତିକି ମାତ୍ର କହିଛନ୍ତି ଯେ, ଯେତେବେଳେ ନମାଜ ସମୟ ଆସି ଉପନୀତ ହୋଇଯିବ ସେତେବେଳେ ତୁମମାନଙ୍କ ମଧରୁ ଜାଣେ ଅଜାନ୍ ଦେବ । ଏବଂ ଅଜାନ୍ ଦେଉଥିବା ଲୋକ ନିମନ୍ତେ ଆପଣ ସ:ଆ:ସ କୌଣସି ସର୍ତ ବର୍ଣ୍ଣନା କରିନାହାନ୍ତି । ସୁତରାଂ ଅଜାନ୍ ଦେବା ଗୋଟିଏ ପୂଣ୍ୟ କାର୍ଯ୍ୟ ଅଟେ । କିନ୍ତୁ ଏହା ଏପରି କୌଣସି ଦାୟିତ୍ୱ କାର୍ଯ୍ୟ ନୁହେଁ ଯେ, ଏଥିପ୍ରତି ଅସାଧାରଣ ସର୍ତାବଳୀ ବର୍ଣ୍ଣନା କରାଯିବ । ବରଂ ଏପରି ପ୍ରତ୍ୟେକ ବ୍ୟକ୍ତି ଯାହାର ସ୍ୱର ସୁନ୍ଦର ହୋଇଥିବ ଓ ତାକୁ ଅଜାନ୍ ଦେବା ଆସୁଥିବ, ସେ ଏହି କାର୍ଯ୍ୟକୁ ସମ୍ପାଦନ କରିପାରିବ ।

ପିଲାମାନଙ୍କୁ ଅଜାନ୍ ଦେବାର ଅବସର ଦେଲେ ସେମାନଙ୍କର ଉତ୍ସାହ ବଢ଼ିଥାଏ ଏବଂ ସେମାନଙ୍କ ମଧ୍ୟରେ ଧର୍ମ କାର୍ଯ୍ୟ କରିବାପାଇଁ ଉତ୍ସାହ ସୃଷ୍ଟି ହୋଇଥାଏ ଯାହା ହେଉଛି ଗୋଟିଏ ଭଲ କଥା । ମୁଁ ନିଜେ ବି ଏଠାରେ, ମସ୍‌ଜିଦ୍ ମୁବାରକରେ ବିଭିନ୍ନ ପିଲାମାନଙ୍କୁ ଅଜାନ୍ ଦେବାପାଇଁ ଆଦେଶ ଦେଇଥାଏ ।

ସଂକଳକ ମହୋଦୟଙ୍କ ଟିପ୍ପଣୀ: ହଜୁର ଅନଓ୍ୱର ଅ:ବ:ଅ ନିଜ ଚିଠିରେ ଶ୍ରୀମାନ୍ ମୁଫ୍‌ତି ସିଲ୍‌ସିଲାଙ୍କ ସହିତ ଯେଉଁ ଫତୁଓ୍ୱା ପ୍ରସଙ୍ଗରେ ବର୍ଣ୍ଣନା କରିଛନ୍ତି, ସେହି ଫତୁଓ୍ୱା ପାଠକପାଠିକା ମାନଙ୍କ ପାଇଁ ନିମ୍ନରେ ଦରଜ କରାଯାଉଅଛି "ଇସ୍‌ତଫ୍‌ତାଆ" ଅଜାନ୍ ଦେବା ପାଇଁ ଅତି କମ୍‌ରେ କେତେ ବୟସ ହୋଇଥିବା ଦରକାର ? କ'ଣ ବାଳକ ଅଜାନ୍ ଦେଇପାରିବେ ? ମୁଫ୍‌ତି ସାହେବଙ୍କ ଫତୁଓ୍ୱା: ମୁଅଜିନ୍ (ଅର୍ଥାତ ଅଜାନ୍ ଦେଉଥିବା ବ୍ୟକ୍ତି)ଙ୍କ ପାଇଁ ବୟସର କୌଣସି ସୀମା ନିର୍ଦ୍ଧାରଣ ସରିୟତ୍‌ରେ ମିଳିପାରିଲା ନାହିଁ ତେଣୁ ଯଦି କୌଣସି ପିଲା ସଠିକ୍ ଶୈଳୀରେ ଅଜାନ୍ ଦେବା ପାଇଁ କ୍ଷମତା ରଖିଥାଏ ତା'ହେଲେ ଅଜାନ୍ ଦେଇପାରିବ ।

ପ୍ରଶ୍ନ:- ଜଣେ ମହିଳା ଏକଥା ହଜୁର ଅନଓ୍ୱର ଅ:ବ:ଅଙ୍କଠାରୁ ଜାଣିବାକୁ ଚାହିଁଲେ ଯେ, କ'ଣ ମହିଳାମାନେ ନିଜର କେଶକୁ କାଟିପାରିବେ ଓ ସେହି କେଶଗୁଡ଼ିକୁ ଅନ୍ୟ କୌଣସି

ଅଣମୁସଲମାନ କ୍ୟାନସର ରୋଗୀଙ୍କୁ ଡ଼ୋନେଟ କରିପାରିବେ ? ହଜୁର ଅନଓ୍ୱର ଅ:ବ:ଅ ନିଜର ଲିଖିତ ଚିଠି ୨୫ ଡ଼ିସେମ୍ବର ୨୦୧୯ରେ ଉକ୍ତ ପ୍ରଶ୍ନର ନିମ୍ନଲିଖିତ ଉତର ପ୍ରଦାନ କଲେ ।

ଉତର:- ହଜୁର ଅନଓ୍ୱର ଅ:ବ:ଅ ଆବଶ୍ୟକ ପଡ଼ିଲେ ମହିଳାମାନେ ଯଦି କେଶ କାଟନ୍ତି ତା'ହେଲେ ଏଥିରେ କୌଣସି ଅସୁବିଧା ନାହିଁ ସୁତରାଂ ହଜ୍ ତଥା ଉମରାଃ ସମ୍ପୂର୍ଣ୍ଣ କରିବ ପରେ ମହିଳାମାନେ ନିଜର କେଶକୁ କାଟି ନିଜର ଏହ୍‌ରାମ୍ ଖୋଲିଥାନ୍ତି । ହଦିସ୍‌ରେ ମଧ ଆସିଛି ଯେ, ମହିଳା ସହରୀମାନେ ଆବଶ୍ୟକ ସ୍ଥଳେ ନିଜ କେଶକୁ କାଟୁଥିଲେ କିନ୍ତୁ ମହିଳାମାନଙ୍କୁ ସମ୍ପୂର୍ଣ୍ଣ ରୁପେ ଲଣ୍ଡା ହେବା ପାଇଁ ଅନୁମତି ନାହିଁ । ସେହିପରି ଆଁ ହଜରତ ସ:ଆ:ସ ପୁରୁଷମାନଙ୍କୁ ମହିଳାମାନଙ୍କ ସଦୃଶ ଏବଂ ମହିଳାମାନଙ୍କୁ ପୁରୁଷମାନଙ୍କ ସଦୃଶ ରୂପ ଧାରଣ କରିବାକୁ ବାରଣ କରିଛନ୍ତି । ସୁତରାଂ ମହିଳାମାନଙ୍କୁ ପୁରୁଷମାନଙ୍କ ପରି ନିଜର କେଶକୁ କାଟିବା ଉଚିତ ନୁହେଁ । କିନ୍ତୁ ଯଦି ସୌନ୍ଦର୍ଯ୍ୟ ଅବଲମ୍ବନ ପାଇଁ ଗୋଟିଏ ସୀମା ପର୍ଯ୍ୟନ୍ତ ନିଜର କେଶକୁ କାଟି ଦିଆଯାଏ, ଯେଉଁଥିରେ ସେମାନଙ୍କ କେଶ ପୁରୁଷମାନଙ୍କ କେଶ ପରି ଦେଖାଯାଉନଥିବ, ଏଥିରେ କୌଣସି ପ୍ରକାରର ଅସୁବିଧା ନାହିଁ ।

କୌଣସି ରୋଗିଙ୍କୁ କେଶ ଡ଼ୋନେଟ କରିବା ହେଉଛି ଏକ ପୂଣ୍ୟ କାର୍ଯ୍ୟ ଏଥିରେ କୌଣସି ଅସୁବିଧା ନାହିଁ କାରଣ ଯେଉଁଠି ଉପଚାର ସମ୍ବନ୍ଧରେ ଜଣେ ମଣିଷ ଆଉ ଜଣକୁ ନିଜର ରକ୍ତ ଏବଂ ନିଜର ଅନ୍ୟାନ୍ୟ ଅଙ୍ଗ ଗୁଡ଼ିକୁ ଦାନ ଦେଇପାରୁଛି ତାହେଲେ ସେଠାରେ ସେ ନିଜର କେଶକୁ କାହିଁକି ଦେଇପାରିବ ନାହିଁ ।

**ପ୍ରଶ୍ନ:-** ଆଉ ଜଣେ ବନ୍ଧୁ ହଜରତ ଅମିରୁଲ୍ ମୁମିନିନ୍ ଅ:ବ:ଅଙ୍କ ପବିତ୍ର ଗୋଚରେ ଏ କଥା ଜାଣିବା ପାଇଁ ଚାହିଁଲେ ଯେ, ରସୁଲ୍‌ଙ୍କୁ ଅପମାନିତ କରିବାର ଦଣ୍ଡ କଣ, ପବିତ୍ର କୁର୍‌ଆନ୍ ତଥା ହଦିସ୍‌କୁ ମୁଖସ୍ତ କରିବା, ଦରୁଦ୍ ସରିଫ୍ ଏବଂ ଅନ୍ୟାନ୍ୟ ଜିକର୍, ବିଭିନ୍ନ ପ୍ରକାରର ଦୁଆ ଏବଂ ପବିତ୍ର କୁର୍‌ଆନ୍‌ର ସୁରାଃ ଗୁଡ଼ିକୁ ଗଣି ଗଣି ପଢ଼ିବା ସମ୍ବନ୍ଧରେ ଜାଣିବାକୁ ଚାହିଁଲେ । ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ଲିଖିତ ୨୫ ଡ଼ିସେମ୍ବର ୨୦୧୯ରେ ଉପରୋକ୍ତ ପ୍ରଶ୍ନର ନିମ୍ନଲିଖିତ ଉତର ପ୍ରଦାନ କଲେ । ହଜୁର ଅନଓ୍ୱର ଅ:ବ:ଅ କହିଲେ:-

**ଉତର:-** ପବିତ୍ର କୁର୍‌ଆନ୍ ତଥା ହଦିସ୍‌ଗୁଡ଼ିକ କୌଣସି ଗୁସ୍ତାଖେ ରସୁଲ୍ (ରସୁଲ୍‌ଙ୍କୁ ଅପମାନ କରୁଥିବା ବ୍ୟକ୍ତି)ଙ୍କ ପାଇଁ ଏ ଦୁନିଆରେ ଦଣ୍ଡ ଦେବାର କାହାକୁ ଅକ୍ତିୟାର ଦେଇନାହିଁ । ନିଜେ ଆଁ ହଜରତ ସ:ଆ:ସ ମଧ୍ୟ କୌଣସି ଗୁସ୍ତାଖେ ରସୁଲ୍ (ରସୁଲ୍‌ଙ୍କୁ ଅପମାନ କରୁଥିବା ବ୍ୟକ୍ତି)ଙ୍କୁ ଦଣ୍ଡ ଦେଇନାହାନ୍ତି । ଯଦି କୌଣସି ଦୁର୍ଭାଗାକୁ ଏପରି ଧୃଷ୍ଟତା ପାଇଁ ହଜରତ ଉମର ର:ଅଙ୍କ ପରି ରସୁଲ୍ ପ୍ରେମୀ ତାକୁ ଦଣ୍ଡ ଦେବାପାଇଁ ହଜୁର ସ:ଆ:ସଙ୍କଠାରୁ ଅନୁମତି ଲୋଡ଼ିଲେ ସେତେବେଳେ ହଜୁର ସ:ଆ:ସ ତାଙ୍କୁ ମଧ୍ୟ ଏହାର ଅନୁମତି ଦେଲେନାହିଁ । ନିଜ ମୁନୀବଙ୍କ ପଦାଙ୍କ ଅନୁସରଣରେ ପରିଚାଳିତ ହୋଇ ହଜରତ ମସିହ ମଉଦ ଆ:ସ ମଧ୍ୟ ଏହି ତାଲିମ୍ ବର୍ଣ୍ଣନା କରିଛନ୍ତି ।

ତତ୍‌ସହିତ ଇସ୍‌ଲାମ୍ ଏ ପୃଥିବୀର ବିଭିନ୍ନ ଧର୍ମର ବଡ଼ ବଡ଼ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଅନ୍ୟାନ୍ୟ ନେତୃସ୍ଥାନୀୟ ବ୍ୟକ୍ତିଙ୍କ ପାଇଁ ଏ ମାର୍ଗଦର୍ଶନ ମଧ୍ୟ ବର୍ଣ୍ଣନା କରିଛି ଯେ, କୌଣସି ଧର୍ମ ତଥା ସେହି ଧର୍ମର ସମ୍ମାନସ୍ପଦ ବ୍ୟକ୍ତି ବିଶେଷଙ୍କର ଏପରି ଅସମ୍ମାନ ନ କରାଯାଉ ଯଦ୍ଦ୍ୱାରା ସେହି ଧର୍ମକୁ ମାନୁଥିବା ଲୋକମାନଙ୍କ ପାଇଁ ଏହା ଦୁଃଖର କାରଣ ହେବ । ଅତଏବ ଗୋଟିଏ ପଟେ ଇସ୍‌ଲାମ୍ ଏ ଦୁନିଆରେ କୌଣସି ଲୋକକୁ କୌଣସି ଗୁସ୍ତାଖେ ରସୁଲ୍ (ରସୁଲ୍‌ଙ୍କୁ ଅପମାନ କରୁଥିବା ବ୍ୟକ୍ତି)ଙ୍କୁ ଦଣ୍ଡ ଦେବା ପାଇଁ ଅନୁମତି ଦେଇନାହିଁ ସେଠି ଅପରପକ୍ଷେ ଏ ଶିକ୍ଷା ମଧ ଦେଇଛି ଯେ କୌଣସି ବ୍ୟକ୍ତି ଅନ୍ୟ କୌଣସି ଧର୍ମ ତଥା ସେ ଧର୍ମର ପ୍ରତିଷ୍ଠାତାଙ୍କ ନାମକୁ ଅସମ୍ମାନ କରି ନ କହୁ ।

(୨) ପବିତ୍ର କୁର୍‌ଆନ୍ ତଥା ହଦିସ୍‌ଗୁଡ଼ିକୁ ମୁଖସ୍ତ କରିବାର ଉତମ ଉପାୟ ହେଉଛି ସେ ଗୁଡ଼ିକୁ ଧ୍ୟାନପୂର୍ବକ ଓ ବହୁ ମାତ୍ରାରେ ପାଠ କରିବା । ହଦିସ୍‌ରେ ଆସୁଛି ଯେ, ହଜରତ ଅଲୀ ର:ଅ ଏବଂ ହଜରତ ଅବୁ ହୁରୈରାଃ ର:ଅଙ୍କ ଏହି ପ୍ରକାରର ଅଭିଯୋଗ ଉପରେ ହଜୁର ସ:ଆ:ସ ସେମାନଙ୍କୁ ଏହି କଥା ପ୍ରତି ଧ୍ୟାନ ଦେବାପାଇଁ ଓ ଏଥିପ୍ରତି ଅନବରତ ତଥା ବହୁ ମାତ୍ରାରେ ପଢ଼ିବା ପାଇଁ ଉପଦେଶ ଦେଇଥିଲେ ।

(୩) ଦରୁଦ୍ ଶରିଫ୍‌ରେ ମନଯୋଗ ସୃଷ୍ଟି କରିବାପାଇଁ ମଧ୍ୟ ଏହି ଉପାୟ ରହିଛି ଯେ, ପ୍ରେମ ତଥା ଧ୍ୟାନପୂର୍ବକ ତାହାର ବହୁମାତ୍ରାରେ ପାଠ କରାଯାଉ । ଯେଉଁଭଳି ଆମେ ନିଜର ଅନ୍ୟାନ୍ୟ କାର୍ଯ୍ୟ ପ୍ରତି ଆଗ୍ରହ ଦେଖାଇଥାଉଁ ଓ ସେଗୁଡ଼ିକ ପ୍ରତି ଧ୍ୟାନ ଦେଇଥାଉ, ଯଦି ଏହି ପୂଣ୍ୟ କାର୍ଯ୍ୟଗୁଡ଼ିକରେ ମଧ୍ୟ ସେହିପରି ପ୍ରେମ ଓ ଆଗ୍ରହ ସୃଷ୍ଟି କରିବା ତାହେଲେ ଇନ୍‌ଶାଅଲ୍ଲାଃ ନିଶ୍ଚିତ ରୂପେ ଆମେ ଆମ ଉଦ୍ଦେଶ୍ୟକୁ ପ୍ରାପ୍ତ କରିବା ।

ଦରୁଦ୍ ଶରିଫ୍‌କୁ ବହୁ ମାତ୍ରାରେ ପାଠ କରିବା ଦ୍ୱାରା ନିଶ୍ଚିତ ରୂପେ କଲ୍ୟାଣ ପ୍ରାପ୍ତ ହୋଇଥାଏ ଏବଂ ହଜୁର ସ:ଆ:ସଙ୍କ ଉପରେ ଦରୁଦ୍ ପ୍ରେରଣ କରିବା ଯୋଗୁଁ ମଣିଷ ପ୍ରତ୍ୟେକ ଦୁଆ ଅଲ୍ଲାଃ ତାଲାଙ୍କ ନିକଟରେ ଗ୍ରହଣୀୟ ହୋଇଥାଏ । ଯେମିତି କି ହଦିସ୍‌ଗୁଡ଼ିକରେ ଏହା ବର୍ଣ୍ଣିତ ହୋଇଅଛି । ଯଦି କେବଳ ଦରୁଦ୍ ଶରିଫ୍ ହିଁ ପାଠ କରିବା ପ୍ରତ୍ୟେକ ମଣିଷ ପାଇଁ ଯଥେଷ୍ଟ ହୋଇଥାନ୍ତା ଏବଂ ଏହା ତାକୁ ବାକି ଦୁଆ ଗୁଡ଼ିକ ପ୍ରତି ଅବହେଳା କରିଦେଉଥାଏ ତାହେଲେ ବିଭିନ୍ନ ଅବସରରେ ଆଁ ହଜରତ ସ:ଆ:ସ ନିଜେ ଦରୁଦ୍ ଶିରଫ୍ ବ୍ୟତିତ ଅନ୍ୟ ଦୁଆଗୁଡ଼ିକୁ କାହିଁକି ବା ପାଠ କରିବେ ଏବଂ ଅନ୍ୟ ସାହାବା ମାନଙ୍କୁ ବିଭିନ୍ନ ପ୍ରକାରର ଦୁଆ କାହିଁକି ବା ଶିଖାଇଥାନ୍ତେ ? ଅତଏବ ହଦିସ୍‌ଗୁଡ଼ିକରେ ଏପରି ଅନେକ ଦୁଆ ବିଷୟରେ ଉଲ୍ଲେଖ ରହିଛି ଯାହାକୁ ଆଁ ହଜରତ ସ:ଆ:ସ ନିଜେ ମଧ୍ୟ ପାଠ କରିଛନ୍ତି ଏବଂ ସାହାବାମାନଙ୍କୁ ମଧ୍ୟ ଏହା ଶିଖାଇଛନ୍ତି । ଏହି ଶୈଳୀ ଆଁ ହଜରତ ସ:ଆ:ସଙ୍କ ସଚ୍ଚା ଦାସ ହଜରତ ମସିହ ମଉଦ ଆ:ସଙ୍କ ପବିତ୍ର ଜୀବନୀରେ ଆମକୁ ଦୃଷ୍ଟିଗୋଚର ହୋଇଥାଏ । ଆଁ ହଜରତ ସ:ଆ:ସଙ୍କର ଆଦେଶ ଇନମଲ୍ ଆମାଲୁ ବିନ୍ ନିୟାତ୍ ଆଧାରରେ ଯଦି କୌଣସି ବ୍ୟକ୍ତି ଅଲ୍ଲାଃ ତାଲାଙ୍କ କୃପା ପ୍ରାପ୍ତ କରିବାପାଇଁ ଦରୁଦ୍ ଶରିଫ୍‌କୁ ଆଁ ହଜରତ ସ:ଆ:ସଙ୍କ ଉପରେ ପ୍ରେରଣ କରିଥାଏ ତା'ହେଲେ ଅଲ୍ଲାଃ ତାଲା ମଧ୍ୟ ତାହାର ଉଦ୍ଦେଶ୍ୟ ଓ ତାହାର ମନସ୍କାମନା ମୁତାବକ ତା ସହିତ ବ୍ୟବହାର କରିବ । ଉଦାହରଣ ସ୍ୱରୁପ ଗୋଟିଏ ହଦିସ୍ କୁଦୁସିରେ ଅଲ୍ଲାଃ ତାଲା କହିଛନ୍ତି: **ଆନା ଇନ୍‌ଦ ଜନ୍ନି ଅବ୍‌ଦି ବି** । ହଦିସ୍‌ଗୁଡ଼ିକରେ ବିଭିନ୍ନ ପ୍ରକାରର ଦରୁଦ୍ ବର୍ଣ୍ଣିତ ହୋଇଅଛି ପୁଣି ଆମ ସମ୍ପ୍ରଦାୟର ଓଲେମାମାନେ ମଧ୍ୟ ଭିନ୍ନ ଭିନ୍ନ ପ୍ରକାରର ଦରୁଦ୍ ପ୍ରଚଳନ କରିଛନ୍ତି । ସେମାନେ ଏହି ଦରୁଦ୍‌ଗୁଡ଼ିକର ଭିନ୍ନ ଭିନ୍ନ ନାମକରଣ ମଧ୍ୟ କରିଅଛନ୍ତି । ସେଗୁଡ଼ିକ ମଧ୍ୟରୁ କିଛି ଦରୁଦ୍ ବ୍ୟାପକ ଭାବରେ ମଧ୍ୟ ରହିଛି ଓ ଆଉ କିଛି ସଂକ୍ଷିପ୍ତ ଭାବରେ ରହିଛି । ଅଧିକ କଲ୍ୟାଣମୟ ଏବଂ ମୁବାରକ ଦରୁଦ୍ ତ ନିଶ୍ଚିତ ଭାବରେ ତାହା ଅଟେ ଯାହା ଆଁ ହଜୁର ସ:ଆ:ସଙ୍କ ପବିତ୍ର ମୂଖରୁ ବାହାରିଛି ଓ ଆପଣ ସ:ଆ:ସ ତାହାକୁ ନିଜ ସାହାବାମାନଙ୍କୁ ଶିଖାଇଛନ୍ତି । ଏ ପ୍ରସଙ୍ଗରେ ଅସଲ କଥା ହେଉଛି ମଣିଷର ନିୟତ କଣ । ପ୍ରେମ ଓ ଧ୍ୟାନ ରହିଥାଏ ଯେ, କୌଣସି ନା କୌଣସି ଉପାୟରେ ସେ ଅଲ୍ଲାଃ ତାଲାଙ୍କ ପ୍ରେମକୁ ଧରି ରଖିବାକୁ ଚାହିଁଥାଏ । ଅତଏବ ଯେଉଁ ନିୟତ, ପ୍ରେମ ଏବଂ ଧ୍ୟାନ ଦ୍ୱାରା ସେ ଏହି କଥାଗୁଡ଼ିକୁ ସମ୍ପାଦନ କରିବ ଅଲ୍ଲାଃ ତାଲାଙ୍କ ନିକଟରେ ତାହାର ସେହି ନିୟତ ତଥା ଆନ୍ତରିକତା ନିଶ୍ଚିତ ରୂପେ ପହଂଚିଯାଇଥାଏ ।

(୪) ହଦିସ୍‌ରୁ ଜଣାପଡୁଛି ଯେ, ଆଁ ହଜରତ ସ:ଆ:ସ କିଛି ଉପଦେଶାବଳୀ ଜାଣିବାକୁ ଚାହୁଁଥିବା ଲୋକମାନଙ୍କ ବ୍ୟକ୍ତିତ୍ୱକୁ ସାମନାରେ ରଖି ବର୍ଣ୍ଣନା କରିଛନ୍ତି । ସେଥିପାଇଁ ଗୋଟିଏ ପ୍ରକାରର ପ୍ରଶ୍ନ ନିମନ୍ତେ ଆପଣ ସ:ଆ:ସଙ୍କ ତରଫରୁ ଭିନ୍ନ ଭିନ୍ନ ପ୍ରକାରର ଉତର ଦିଆଯାଇଅଛି । ଆଁ ହଜରତ ସ:ଆ:ସ ଯେଉଁ ବ୍ୟକ୍ତିଙ୍କ ନିକଟରେ ଯେଉଁ ପ୍ରକାରର ଅଭାବ ଅନୁଭବ କରିଲେ ତା'ର ସେହି ଅଭାବ ମୁତାବକ ତାକୁ ମାର୍ଗଦର୍ଶନ କରାଇଲେ । ସେଥିପାଇଁ କିଛି ଦୁଆ ଏବଂ ଜିକର୍‌କୁ ଗଣି ଗଣି ପାଠ କରିବା ପାଇଁ ମଧ୍ୟ ଆହାଦିସ୍‌ରେ ଉଲ୍ଲେଖ ରହିଛି । ତାହାର ଉଦ୍ଦେଶ୍ୟ ହେଉଛି ଏହା ଯେ, ଅତିକମ୍‌ରେ ଏତିକି ଥର ନିଶ୍ଚିତ ରୂପେ ଏହି ଦୁଆ ଏବଂ ଜିକର୍‌କୁ ପାଠ କରାଯାଉ ।

ପୁଣି ଏହା ମଧ୍ୟ ମନେରଖିବା ଉଚିତ ଯେ, ଯେଉଁଭଳି ହଜରତ ମସିହ ମଉଦ ଆ:ସ ଏହି ପ୍ରସଙ୍ଗକୁ ଖୁବ୍ ଖୋଲି ଖୋଲି ବର୍ଣ୍ଣନା କରିଛନ୍ତି ଯେ, ଦୁଆ ଏବଂ ଜିକର୍‌କୁ କେବଳ ଶୁଆଶାରୀଙ୍କ ପରି ପାଠ କରିବାରେ କୌଣସି ଲାଭ ନାହିଁ ବରଂ ଅଲ୍ଲାଃ ତାଲାଙ୍କ ପ୍ରେମକୁ ପାଇବାକୁ ହେଲେ ଏହି ସମସ୍ତ ଦୁଆ ଓ ଜିକର୍‌କୁ ବର୍ଣ୍ଣନା କରାଯାଇଥିବା ଶିକ୍ଷା ମୁତାବକ ନିଜ ଜୀବନକୁ ପରିଚାଳିତ କରିବା ତଥା ଅନ୍ୟାନ୍ୟ ପୂଣ୍ୟ କାର୍ଯ୍ୟକୁ ସମ୍ପାଦନ କରିବା ମଧ୍ୟ ଜରୁରୀ ଅଟେ । ସୁରାଃ ଅଲ୍‌ଫାତିହାକୁ ବହୁ ସଂଖ୍ୟାରେ ପାଠ କରୁଥିବା ଲୋକ ଯେପର୍ଯ୍ୟନ୍ତ ଏହି ସୁରାଃରେ ବର୍ଣ୍ଣିତ ଈଶ୍ୱରୀୟ ଗୁଣ ବିଶେଷରେ ରଙ୍ଗୀନ ହେବାପାଇଁ ଚେଷ୍ଟା ନ କରିବ ଏବଂ ପବିତ୍ର କୁର୍‌ଆନ୍‌ର ହିଦାୟତ୍ **ସିବ୍‌ଗତ୍‌ଲାହି ୱମନ୍ ଅହସନୁ ମିନ୍‌ଲ୍‌ଲାହି ସିବ୍‌ଗାଃ** ଏବଂ ରସୁଲୁଲ୍ଲାଃ ସ:ଆ:ସଙ୍କ ହଦିସ୍ **ତଖ୍‌ଲ୍ଲକୁ ବେଅଖ୍‌ଲାକିଲାହି** ର ଜାମା ନ ପିନ୍ଧିଛି ତାହେଲେ କେବଳ ମୁହଁରେ ଜିକର୍ କରିବା ଦ୍ୱାରା ସେ କୌଣସି ପ୍ରକାରର ଲାଭ ଉଠାଇପାରିବ ନାହିଁ । ସାଂସାରିକ ଜ୍ଞାନ ପ୍ରାପ୍ତ କରିବାରେ ମଧ୍ୟ ଏହି ମାଧ୍ୟମ

ରହିଛି କାରଣ ଏହି ଉପାୟରେ ମଣିଷ ଅଲ୍ଲାଃ ତାଲାଙ୍କ କୃପା ଏବଂ ତାହାଙ୍କ ପ୍ରେମକୁ ଟାଣି ରଖିପାରିବ ।

ପ୍ରଶ୍ନ:- ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଲଜ୍‌ନା ଇମାଇଲାଃ ହଲାଣ୍ଡର ଭର୍ଚୁଆଲ୍ ସାକ୍ଷାତକାର ୨୨ ଅଗଷ୍ଟ ୨୦୨୦ ମସିହାରେ ଲଜ୍‌ନା ତରଫରୁ ପରଦା ସମ୍ବନ୍ଧରେ ପଚାର ଯାଇଥିବା ଗୋଟିଏ ପ୍ରଶ୍ନର ଉତର ପ୍ରଦାନ କରି ହଜୁର ଅନଓ୍ୱର ଅ:ବ:ଅ କହିଲେ:

ଉତର:- ଏହି ପରଦା କେବଳ ଜମାତ ଅହେମଦୀୟାର ଆଦେଶ ନୁହେଁ ନାସିରାତ୍ ତଥା ଲଜ୍‌ନାମାନଙ୍କ ମଧ୍ୟରେ ଏ ପ୍ରଶିକ୍ଷଣ ରହିବା ଉଚିତ ଯେ, ପରଦା ହେଉଛି ପବିତ୍ର କୁର୍‌ଆନ୍‌ର ଆଦେଶ, ଅଲ୍ଲାଃ ଏବଂ ତାହାଙ୍କ ରସୁଲ୍‌ଙ୍କ ଆଦେଶ । ତେଣୁ ଜମାତ୍ ଏପରି କାମ କରିବ ଯାହା ଏବଂ ତାହାଙ୍କ ରସୁଲ୍ ଆଦେଶ ଦେଇଛନ୍ତି ଏବଂ ଏହା ହେଉଛି ଏକ ସ୍ପଷ୍ଟ ଆଦେଶ । ପବିତ୍ର କୁର୍‌ଆନ୍‌ରେ ଯେଉଁ ସବୁ ବିଶେଷ କଥା ରହିଛି । ଗୁରୁତ୍ୱପୂର୍ଣ୍ଣ କଥା, ଖୋଲାଖୋଲି ସ୍ପଷ୍ଟ ମାର୍ଗଦର୍ଶନ, ଆଦେଶାବଳୀ ରହିଛି, ସେଥି ମଧ୍ୟରେ ଗୋଟିଏ ପରଦାର ହୁକୁମ୍ ମଧ୍ୟ ରହିଛି । ସେଥିପାଇଁ ଆମେ ଏହା କହୁଅଛୁ । ଯଦି ସେଥିରେ କେବଳ ଏ କଥା ରହିଥାନ୍ତା ଯେ, ଏହାକୁ କୌଣସି ବସ୍ତୁ ସହିତ ଉପମା ଦିଆଯାଉ ବା କୌଣସି ଜିନିଷ ଦ୍ୱାରା ବୁଝା ଯାଆନ୍ତା, ତାକୁ ଇଂଟରପ୍ରେଟ୍ କରାଯାଆନ୍ତା ତେବେ ସେଥିରୁ ଏ ଅର୍ଥ ବାହାରିଥାନ୍ତା ତାହେଲେ ପୁଣି ବାଟ ଫିଟିପାରିଥାନ୍ତା ଯେ, ଝିଅମାନେ ବୁଝନ୍ତୁ ବା ମହିଳାମାନେ ବୁଝନ୍ତୁ ଯେ ହଁ ଏଠାରେ ପରଦାର ଅନୁମତି ମିଳିଛି ଏବଂ ଏଠାରେ ପରଦା କରିବାର ଅନୁମତି ନାହିଁ । କିନ୍ତୁ ଯେବେ ସ୍ପଷ୍ଟ ନିର୍ଦ୍ଦେଶ ଆସିଗଲା ତା ହେଲେ ପୁଣି ଆମକୁ ସେହି ନିର୍ଦ୍ଦେଶାବଳୀଗୁଡ଼ିକ ଉପରେ ପରିଚାଳିତ ହେବାକୁ ପଡ଼ିବ ଏବଂ ପରିଚାଳିତ କରାଇବାକୁ ପଡ଼ିବ । ଏ କଥା ଭଲ ଭାବରେ ଝିଅ ପିଲାମାନଙ୍କ ମୁଣ୍ଡରେ ପୁରାଇ ଦିଅନ୍ତୁ ଏତଦ୍ ଦ୍ୱାରା ପରଦା କରିବା ପ୍ରତି ମଧ୍ୟ ଧ୍ୟାନ ଆକର୍ଷଣ ସୃଷ୍ଟି ହେବ । ଅସଲ କଥା ସେମାନଙ୍କ ମଧ୍ୟରେ ଏହା ସୃଷ୍ଟି କରନ୍ତୁ ଯେ, ଲଜ୍ଜ୍ୟା ହେଉଛି ଇମାନ୍ ଗୋଟିଏ ଅଂଶ ବିଶେଷ । ଏହା ହଦିସ୍‌ରେ ବର୍ଣ୍ଣିତ ଅଛି । ଯେତେବେଳେ ଲଜ୍ଜ୍ୟା ସୃଷ୍ଟି ହୋଇଯିବ ସେତେବେଳେ ସ୍ୱତଃପୃତ ଭାବରେ ପରଦା କରିବା ପ୍ରତି ମଧ୍ୟ ଧ୍ୟାନ ଆକର୍ଷଣ ସୃଷ୍ଟି ହୋଇଯିବ । ସେ ୟୁନିଭର୍ସିଟିରେ ପଢୁଥିବା ଝିଅ ହେଉ ପଛକେ ସେ ନିଜର ଲଜ୍ଜ୍ୟାର ପରିଧି ମଧ୍ୟରେ ରହିବ । ନିଜ ବସ୍ତ୍ରର ଖିଆଲ୍ ରଖିବ ପୁଣି ନିଜକୁ ପରଦା କରିବାପାଇଁ ମଧ୍ୟ ଯତ୍ନବାନ ହେବ ।

ଏହି ସାକ୍ଷାତକାରରେ ଜଣେ ଲଜ୍‌ନା ମେମ୍ବର ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରରେ ଏହା ଜାଣିବାକୁ ଚାହିଁଲେ ଯେ, ଲଜ୍‌ନା ମେମ୍ବରମାନଙ୍କୁ ଖବର କାଗଜଗୁଡ଼ିକରେ ଲେଖିବା ନିମନ୍ତେ କି ପ୍ରକାରର ପଦକ୍ଷେପ ଉଠାଯାଇପାରେ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ:

ଉତର:- ଯାହାବି Contemprary Issues (ଅର୍ଥାତ ସମସାମୟିକ ସମସ୍ୟା) ଆସିଥାଏ ଏବଂ ଖବରକାଗଜଗୁଡ଼ିକରେ ଖବର ଲେଖାଯାଉଥାଏ । ବା ଆପଣମାନେ ଏ କଥା ଅନୁଭବ କରୁଛନ୍ତି ଯେ, ଆଜିକାଲି ଶୋସିଆଲ୍ ମିଡ଼ିଆରେ ବା ଅନ୍ୟ କେଉଁଠି ଏହା Discuss କରାଯାଉଥାଏ ତେଣୁ ଆପଣମାନେ ଶୋସିଆଲ୍ ମିଡ଼ିଆରେ, ଲଜ୍‌ନା ମାନଙ୍କ ଓ୍ୱେବସାଇଟ୍‌ରେ ଉତର ଦିଅନ୍ତୁ । ଯଦ୍ୱାରା Awarness ହେଉ । ପ୍ରତ୍ୟେକଙ୍କୁ ଏକଥା ଜଣାଯାଉ ଯେ, ଏହା ହେଉଛି ସେହି ପ୍ରଶ୍ନର ଅସଲ ଉତର । ସେହିପରି ଯେଉଁମାନେ ଲେଖାଲେଖି କରୁଛନ୍ତି ସେମାନେ ଉପରୋକ୍ତ ସମସ୍ୟାଗୁଡ଼ିକ ଉପରେ, ଇସ୍‌ଲାମ୍‌ର ପ୍ରତିରକ୍ଷା ନିମନ୍ତେ ଖବର କାଗଜ ଗୁଡ଼ିକରେ ଲେଖନ୍ତୁ ଯେ, ତୁମେମାନେ ତ ଏକଥା କହୁଥିଲ ଯେ, ଇସ୍‌ଲାମ୍ ଏମିତି କହୁଛି ଓ ଇସ୍‌ଲାମ୍ ସେମିତି କହୁଛି । ଯେବେକି ଇସ୍‌ଲାମ୍‌ର ଶିକ୍ଷା ତ ହେଉଛି ଏପରି । ସୁତରାଂ ଯେଉଁ ମହିଳାମାନେ ଲେଖା ଲେଖି କରୁଛନ୍ତି, ସେମାନଙ୍କୁ ଉତ୍ସାହିତ କରନ୍ତୁ ଯେ, ଶୋସିଆଲ୍ ମିଡ଼ିଆରେ ଯେଉଁ ବିଭିନ୍ନ ବିଷୟବସ୍ତୁ ଗୁଡ଼ିକ ଆସୁଅଛି, ସେହି ଟପିକ୍ ଗୁଡ଼ିକୁ ହିଁ ଚୟନ କରିବା ଉଚିତ । ଯଦ୍ୱାରା ଆକର୍ଷଣ ସୃଷ୍ଟି ହେବ । ଅଧିକରୁ ଅଧିକ ଲୋକେ ତାକୁ ପଢ଼ିବେ ଏବଂ ତାହା ପ୍ରତି ଧ୍ୟାନ ଆକର୍ଷଣ କରିବେ ଏବଂ ଆପଣମାନଙ୍କ ପ୍ରତି ଧ୍ୟାନ ଆକର୍ଷଣ ହେବ । ପାଶ୍ଚାତ୍ୟ ଦେଶଗୁଡ଼ିକରେ ମହିଳାମାନଙ୍କ ସମସ୍ୟା ଉପରେ ଏ ଆପତି ଅଭିଯୋଗ କରାଯାଇଥାଏ ଯେ, ମହିଳାମାନଙ୍କୁ କୌଣସି ପ୍ରକାର ସ୍ୱାଧିନତା ମିଳୁନାହିଁ, ମହିଳାମାନଙ୍କୁ ପରଦାର ପ୍ରତିବନ୍ଧକ ରହିଛି, ମହିଳାମାନଙ୍କୁ ଅମୁକ ଅମୁକର ପ୍ରତି ବନ୍ଧକ ମଧ୍ୟରେ ରଖାଯାଇଥାଏ ଏବଂ ମହିଳାମାନଙ୍କ ଉପରେ ଅମୁକ ଅତ୍ୟାଚାର କରାଯାଇଥାଏ । ଏହି ସବୁ ବିଷୟଗୁଡ଼ିକ ଉପରେ ମହିଳାମାନଙ୍କୁ ଲେଖିବା ଉଚିତ ଯେ, ତୁମେ ଏକଥା କହୁଛ ଦେଖ ମୁଁ ଜଣେ ମହିଳା ମୁଁ ମଧ୍ୟ ଏହି ସବୁ ବିଷୟ ଉପରେ ଲେଖିଛି ଏଠାରେ ୟୁକେରେ ମଧ୍ୟ ଲଜ୍‌ନାମାନେ ଲେଖୁଛନ୍ତି ଏବଂ ଏହି ଲେଖାର ଭଲ ପ୍ରଭାବ ମଧ୍ୟ ପଡୁଅଛି । ପୁରୁଷମାନେ ଉତର ଦେବା ପରିବର୍ତେ ମହିଳାମାନେ ହିଁ ଏହାର ଉତର ଦିଅନ୍ତୁ । ତା'ହେଲେ ଏହାର ପ୍ରଭାବ ବହୁତ ଭଲ ପଡ଼ିବ । ତେଣୁ ନିଜର ଗୋଟିଏ ଟିମ୍ ଗଠନ କରନ୍ତୁ । ଏ ସମ୍ବନ୍ଧୀୟ ଜ୍ଞାନ ମଧ୍ୟ ଆପଣମାନଙ୍କୁ ରହିବା ଉଚିତ । ଇସ୍‌ଲାମୀୟ ଶିକ୍ଷାର ଜ୍ଞାନ ମଧ୍ୟ ରହିବା ଉଚିତ । ଯେତେବେଳେ ଲେଖିବ ସେତେବେଳେ ପୂର୍ଣ୍ଣ ପ୍ରସ୍ତୁତି କରି ନିୟମିତ ଭାବରେ Facts & Figures କୁ ଦୃଷ୍ଟି ଦେଇ ଲେଖିବା ଉଚିତ ଯଦ୍ୱାରା ଅନ୍ୟମାନଙ୍କୁ impress ମଧ୍ୟ କରିପାରିବେ ।

⌘⌘⌘⌘⌘⌘⌘⌘⌘⌘

ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......

ଦୟା , କରୁଣା , ଉପକାର ତଥା ଅନୁଗ୍ରହ ଇତ୍ୟାଦି ଗୁଣଗୁଡ଼ିକର ବର୍ଣ୍ଣନା କରିଛନ୍ତି । ଏବଂ ସେ ଦୟାଳୁ ହେବା ବିଷୟ ପ୍ରକାଶ କରିଛନ୍ତି । ଏବଂ ଅପରପକ୍ଷେ ସେ *ଅଲ୍ ଲୈସା ଲିଲ୍ ଇନସାନେ ଇଲ୍ଲା ମା ସାଆ* (ଅଲ୍ ନଜମ୍ :୪୦)ଏବଂ *ଓ୍ୱାଲ୍ଲଜିନା ଜାହଦୁ ଫିନା ଲନହଦିୟନ୍ନହୁମ୍ ସୁବୁଲନା* କହି ନିଜର କରୁଣାକୁ ପ୍ରଚେଷ୍ଟା ତଥା ପ୍ରୟାସ ଉପରେ ନିର୍ଭରଶୀଳ କରିଦେଇଛି । ଏଥିରେ ସାହାବାମାନଙ୍କର କାର୍ଯ୍ୟଶୈଳୀ ଆମମାନଙ୍କ ପାଇଁ ଗୋଟିଏ ଆଦର୍ଶ ଓ ସୁନ୍ଦର ନମୁନା ମିଳୁଅଛି । ସାହାବାମାନଙ୍କ ଜୀବନୀକୁ ଧ୍ୟାନଦେଇ ଦେଖନ୍ତୁ , କ'ଣ ସେମାନେ କେବଳ ମାତ୍ର ନମାଜ ପଢ଼ି ଏପରି ପଦମର୍ଯ୍ୟାଦା ପ୍ରାପ୍ତ କରିନେଇଥିଲେ ? ନୁହେଁ ବରଂ ସେମାନେ ଖୁଦାତାଲାଙ୍କ ପ୍ରସନ୍ନତା ପ୍ରାପ୍ତ କରିବା ପାଂଇ ନିଜ ଜୀବନର ବି ପରବାଏ କରିଲେ ନାହିଁ । ଏବଂ ଛେଳି ମେଣ୍ଢାଙ୍କ ପରି ଖୁଦାତାଲାଙ୍କ ମାର୍ଗରେ ଉତ୍ସର୍ଗ ହୋଇ ବଳି ପଡିଥିଲେ । ତାପରେ ସେମାନଙ୍କୁ ଏହି ପଦମର୍ଯ୍ୟାଦା ପ୍ରାପ୍ତ ହୋଇଥିଲା ।" ପୁଣି ହଜରତ୍ ମସିହ୍ ମଉଦ ଆ ସ କୁହନ୍ତି ଯେ " ଆମେ ଏପରି ଅଧିକାଂଶ ଲୋକଙ୍କୁ ଦେଖିଅଛୁ ଯେ,ସେମାନେ ଏହା ହିଁ ଚାହିଁଥାନ୍ତି ଯେ ଗୋଟିଏ ଫୁଙ୍କ ମାରି ସେମାନଙ୍କୁ ସେହି ପଦମର୍ଯ୍ୟାଦା ଦିଆଇଦିଆଯାଉ ଓ ଅଲ୍ଲାଃଙ୍କ ଆସ୍ଥାନ ପର୍ଯ୍ୟନ୍ତ ସେମାନେ ପହଂଚି ଯାଆନ୍ତୁ ।" *(ମଲଫୁଜାତ୍ , ଖ-୧୦ , ପୃ-୨୦୫ ଏଡିଶନ୍ ୧୯୮୪)* ଏମିତି ହୋଇପାରିବ ନାହିଁ ।

ଅତଃ ଅବଶ୍ୟ ଅଲ୍ଲାଃତାଲା ଦୟାଳୁ ଓ କୃପାଳୁ ଅଟନ୍ତି କିନ୍ତୁ ତତସହିତ ସେ ପୂର୍ଣ୍ଣ ବିଶ୍ୱାସ ପ୍ରାପ୍ତକାରୀ ଲୋକମାନଙ୍କ ପାଇଁ ଏ ସର୍ତ ବି ଲଗାଇଦେଇଛି ଯେ ସେମାନେ ତାହା(ଅର୍ଥାତ ଅଲ୍ଲାଃତାଲା)ଙ୍କ ମାର୍ଗରେ ଜିହାଦ୍‌କାରୀ (ଅର୍ଥାତ ଅଲ୍ଲାଃତାଲାଙ୍କ ଦ୍ୱାରା ବତାଯାଇଥିବା ମାର୍ଗରେ ନିରନ୍ତର ପ୍ରଚେଷ୍ଟା କରିଚାଲିଥିବା)ଲୋକେ ହୁଅନ୍ତୁ । ତାପରେ ପୁଣି ଅଲ୍ଲାଃତାଲା ସେମାନଙ୍କର ପଦମର୍ଯ୍ୟାଦାକୁ ଉଚା କରିଚାଲିବ । ଏହାଦ୍ୱାରା ଦୁଆ ଗ୍ରହଣୀୟ ହେବାର ବି ଦୃଶ୍ୟ ସେମାନେ ଦେଖିଥାନ୍ତି । ସେହିପରି ଅଲ୍ଲାଃତାଲାଙ୍କ ରହମାନିୟତ୍ ତଥା ରହିମିୟତ୍ ର ଦୃଶ୍ୟକୁ ବି ସେମାନେ ଅବଲୋକନ କରିଥାନ୍ତି , ଯାହକୁ ସାହାବାମାନେ ଦେଖିଥିଲେ ଏବଂ ଖୁଦାତାଲାଙ୍କ ପ୍ରେମରେ ଏତେ ମାତ୍ରାରେ ଲୀନ ହୋଇଯାଇଥିଲେ ଯେ ତାହାର ଦୃଷ୍ଟାନ୍ତ ଦେଖିବାକୁ ମିଳେନାହିଁ । ଯଦି ଅଲ୍ଲାଃଙ୍କ ମାର୍ଗରେ ମରି ବି ଗଲେ ତାହେଲେ ବି ସେମାନେ ବୈକୁଣ୍ଠ ଓ ଅଲ୍ଲାଃତାଲାଙ୍କ ପ୍ରସନ୍ନତାର ସୁସମାଚାର ପ୍ରାପ୍ତକାରୀ ହୋଇଗଲେ ।

ପୁଣି ହଜରତ୍ ମସିହ୍ ମଉଦ ଆ ସ କୁହନ୍ତି ଯେ " ଯେଉଁମାନେ ଖୁଦାଙ୍କର ହୋଇ ଖୁଦାଙ୍କୁ ପାଇବାପାଂଇ ବେଦନା ତଥା କଠିନ ପରିଶ୍ରମ କରି ଚେଷ୍ଟା କରିଥାନ୍ତି , ସେମାନଙ୍କର ଚେଷ୍ଟା ଓ ପରିଶ୍ରମ ବ୍ୟର୍ଥ ଯାଏନାହିଁ । ସେମାନଙ୍କୁ ନିଶ୍ଚିତ ଭାବରେ ମାର୍ଗଦର୍ଶନ ମିଳିଥାଏ । ଯେ କେହି ସତ୍ୟନିଷ୍ଠା ଓ ସତ୍ ଉଦ୍ଦେଶ୍ୟ ରଖି ଖୁଦାତାଲାଙ୍କ ଆଡକୁ ପାଦବଢାଇଥାଏ, ଖୁଦାତାଲା ସେମାନଙ୍କୁ ମାର୍ଗଦର୍ଶନ କରାଇବା ପାଇଁ ଆଗକୁ ବଢିଥାଏ । ମଣିଷର ଏ କର୍ତବ୍ୟ ଯେ ସେ ଯୋଜନା କରୁ (ଚେଷ୍ଟା କରୁ)ଏବଂ ସତ୍ୟର ସଂନ୍ଧାନରେ ସତ୍‌ଚେଷ୍ଟା କରିବାପ୍ରତି ସତଆକାଂକ୍ଷା ଓ ପ୍ରକୃତ ତୃଷା ନିଜ ଭିତରେ ସୃଷ୍ଟି କରୁ । ଜ୍ଞାନ ଆହାରଣ କରିବା ପାଂଇ ଯେଉଁ ମାର୍ଗ ଅଲ୍ଲାଃତାଲା ବତାଇଛନ୍ତି , ତାଉପରେ ପରିଚାଳିତ ହୁଅନ୍ତୁ । ଯିଏ ଈଶ୍ୱରଙ୍କ ପ୍ରତି ଅବହେଳା ପ୍ରଦର୍ଶନ କରିଥାଏ ଈଶ୍ୱର ବି ତାପ୍ରତି ଅବହେଳା ପ୍ରଦର୍ଶନ କରିଥାନ୍ତି ।" ***(ମଲଫୁଜାତ୍ , ଖ-୧୦ , ପୃ-୨୮୪ ଏଡିଶନ୍ ୧୯୮୪)***

ପୁଣି ହଜରତ୍ ମସିହ୍ ମଉଦ ଆ ସ କୁହନ୍ତି ଯେ "ନିଜକୁ ପରିବର୍ତନ କରିବାପାଇଁ ହେଲେ ଚେଷ୍ଟା କରନ୍ତୁ । ନମାଜ ରେ ଦୁଆ କରନ୍ତୁ । ସଦକାଃ ଖୈରାତ୍ (ଦାନ ପୂଣ୍ୟ) ଦ୍ୱାରା ଏବଂ ଅନ୍ୟ ପ୍ରକାରେ ବି *ଓ୍ୱାଲ୍ଲଜିନା ଜାହଦୁ ଫିନା ଲନହଦିୟନ୍ନହୁମ୍ ସୁବୁଲନା* ରେ ସାମିଲ ହୋଇଯାଅ । ଯେଉଁପରି ରୋଗି

ଡାକ୍ତର ପାଖକୁ ଯାଇଥାଏ , ଔଷଧ ଖାଇଥାଏ , ମସହଲ୍ ଲଗାଏ , ରକ୍ତ ବାହାର କରିଥାଏ , ଟକୋର କରାଇଥାଏ ଏବଂ ଆରୋଗ୍ୟ ଲାଭ କରିବା ପାଇଁ ପ୍ରତ୍ୟେକ ପ୍ରକାରର ଯୋଜନା କରିଥାଏ । ଠିକ ସେହିପରି ନିଜର ଆଧ୍ୟାତ୍ମିକ ରୋଗକୁ ଦୂର କରିବା ପାଇଁ ସବୁ ପ୍ରକାରର ଚେଷ୍ଟା କର । କେବଳ ମୁହଁରେ ନୁହେଁ ବରଂ ମୁଜାହିଦାର ଯେଉଁ ସମସ୍ତ ଉପାୟ ଖୁଦାତାଲା ବତାଇଛନ୍ତି ସେ ସବୁକୁ ଆପଣାଅ ।" ***(ମଲଫୁଜାତ୍ , ଖ-୮, ପୃ-୧୮୮ ଏଡିଶନ୍ ୧୯୮୪)*** ଅତେବ ଏହା ହେଉଛି ସେହି ସବୁ ଉପାୟ ଯାହା ଦ୍ୱାରା ଅଲ୍ଲାଃତାଲାଙ୍କୁ ପାଇବାର ମାର୍ଗ ଖୋଲିଚାଲିଥାଏ । ପୁଣି ଦୁଆ କରିବା ପ୍ରତି ଧ୍ୟାନ ଆକର୍ଷଣ ହୋଇଥାଏ ।

ପୁଣି ହଜରତ୍ ମସିହ୍ ମଉଦ ଆ ସ କୁହନ୍ତି ଯେ " ମଣିଷ ଏହି ଜୀବନକୁ ଅସୁନ୍ଦର ଭାବି ସେଥିରୁ ବାହାରିବା ପାଇଁ ଚେଷ୍ଟା କରୁ ।" ଏ ଜୀବନକୁ ସବୁ କିଛି ଭାବନ୍ତୁ ନାହିଁ ବରଂ ଏ ସାଂସାରିକ ଜୀବନ ହେଉଛି ଅସ୍ଥାୟୀ । ତେଣୁ ଏହାକୁ କଳୁଷିତ ଜୀବନ ବୋଲି ଭାବ । "ଏବଂ ଦୁଆ ଜରିଆରେ କମ ନିଅ କାରଣ ସେ ଯେତେବେଳେ ଯୋଜନାର ପ୍ରକୃତ ହକ୍ ପ୍ରଦାନ କରିଥାଏ ସେତେବେଳେ ସେ ପ୍ରକୃତ ଦୁଆ ସାହାଯ୍ୟରେ କାମ ନେଇଥାଏ । ଏତଦ୍ଦ୍ୱାରା ପୁଣି ଅଲ୍ଲାଃତାଲା ତାକୁ ନଜାତ୍(ଅର୍ଥାତ ମୋକ୍ଷ)ପ୍ରଦାନ କରିଥାଏ । ଏବଂ ସେ ପାପପୂର୍ଣ୍ଣ ଜୀବନରୁ ବାହାରିପଡିଥାଏ । କାରଣ ଦୁଆ ବି କିଛି ମାମୁଲି ଜିନିଷ ନୁହେଁ । ବରଂ ତାହା ଏକ ପ୍ରକାରର ମୃତ୍ୟୁ ଅଟେ । ଯେବେ ମଣିଷ ସେହି ମୃତ୍ୟୁକୁ ଗ୍ରହଣ କରିନେଇଥାଏ ସେତେବେଳେ ଅଲ୍ଲାଃତାଲା ତାକୁ ଅପରାଧ ଜୀବନରୁ ରକ୍ଷା କରିଥାନ୍ତି ଓ ତାକୁ ଏକ ପ୍ରକାରର ପବିତ୍ର ଜୀବନ ପ୍ରଦାନ କରିଥାନ୍ତି । ଅନେକ ଲୋକେ ଦୁଆକୁ ଏକ ମାମୁଲି ଜିନିଷ ବୋଲି ଭାବିଥାନ୍ତି । ଅତଃ ମନେ ରଖିବା ଉଚିତ ଯେ ଦୁଆ ଏହା ନୁହେଁ ଯେ ସାଧାରଣ ଭାବରେ ନମାଜ ପଢି , ହାତ ଉଠାଇ ବସି ପଡିବା । ଆଉ ଯାହା କିଛି ମୁହଁକୁ ଆସିଲା ପଢିନେବା । ଏମିତି ଦୁଆ(ପ୍ରାର୍ଥନା)କରିବାରେ କୌଣସି ଲାଭ ମିଳେ ନାହିଁ । କାରଣ ଏମିତି ଦୁଆ କେବଳ ଏକ ପ୍ରକାରର ମନ୍ତ ପରିକା ହୋଇଥାଏ । ନା ତ ସେଥିରେ ମନ ସାମିଲ୍ ହୋଇଥାଏ ଓ ନା ସେଥିରେ ଅଲ୍ଲାଃତାଲାଙ୍କ ଶକ୍ତି ତଥା ପ୍ରତାପର କୌଣସି ଇମାନ ଥାଏ ।

ମନେରଖ ଦୁଆ ହେଉଛି ଗୋଟିଏ ମୃତ୍ୟୁ । ଯେମିତି ମୃତ୍ୟୁ ସମୟରେ ଜଣେ ଚିନ୍ତିତ ଓ ଅସ୍ଥିରତାରେ ରହିଥାଏ, ଠିକ୍ ସେହିପରି ଦୁଆ ନିମନ୍ତେ ବି ସେହିପରି ଚିନ୍ତା ଓ ଅସ୍ଥିରତାର ଆବେଗ ରହିବା ଜରୁରୀ । ସେଇଥିପାଇଁ ଦୁଆ ପାଇଁ ସମ୍ପୂର୍ଣ୍ଣ ବ୍ୟାକୁଳତା ଯେପର୍ଯ୍ୟନ୍ତ ନ ହୋଇଛି କିଛି ସୁଫଳ ମିଳେ ନାହିଁ । ତେଣୁ ଆବଶ୍ୟକ ଏହା ଯେ ରାତିରେ ଉଠି ଅତ୍ୟନ୍ତ ବ୍ୟାକୁଳତାର ସହିତ ନିବେଦନ ପୂର୍ବକ ଖୁଦାତାଲାଙ୍କ ସାମନାରେ ନିଜର ସମସ୍ୟାକୁ ଉପସ୍ଥାପନ କରିବା ଉଚିତ । ଏବଂ ସେହି ଦୁଆକୁ ଏପରି ସ୍ଥାନରେ ପହଁଚାଇ ଦେଉ ଯେ ଯେମିତି ତାକୁ ଏକ ପ୍ରକାରର ମୃତ୍ୟୁ ଗ୍ରାସ କରିଦେଇଥାଏ । ସେତେବେଳେ ତାର ଦୁଆ କୁବୁଲିୟତ୍(ଗ୍ରହଣୀୟତା)ର ସ୍ତରକୁ ପହଁଚିଯାଇଥାଏ ।"

ପୁଣି ହଜରତ୍ ମସିହ୍ ମଉଦ ଆ ସ କୁହନ୍ତି ଯେ "ଏକଥାକୁ ବି ମନେରଖ ଯେ ସର୍ବପ୍ରଥମେ ଓ ଜରୁରୀ ଦୁଆ ହେଉଛି ଏହାକି ମଣିଷ ନିଜକୁ ପାପରୁ ପବିତ୍ର କରିବା ପାଂଇ ଅର୍ଥାତ ପାପରୁ ବଂଚି ରହିବା ପାଇଁ ଦୁଆ କରୁ । ସମଗ୍ର ଦୁଆର ଅସଲ ମୂଳ ଓ ଅସଲ ଅଙ୍ଗ ହେଉଛି ଏହି ଦୁଆ । କାରଣ ଯେବେ ଏହି ଦୁଆ କୁବୁଲ୍ ହୋଇଯାଏ ଓ ମଣିଷ ପ୍ରତ୍ୟେକ ପ୍ରକାରର ଅଶୁଚିରୁ ମୁକ୍ତ ହୋଇ ଖୁଦାତାଲାଙ୍କ ନଜରରେ ପବିତ୍ର ହୋଇଯାଏ , ସେତେବେଳେ ତାର ଅନ୍ୟ ଦୁଆଗୁଡିକ , ଯାହା ତାହାର ଅତ୍ୟାବଶ୍ୟକ ଆବଶ୍ୟକତା ହୋଇଥାଏ , ତାହା ତାକୁ ମାଗିବାକୁ ବି ପଡିନଥାଏ । ତାହା ଆପଣା ଛାଁଏ କୁବୁଲ୍ ହୋଇଯାଏ । ଏହି ପ୍ରର୍ଥନା ହେଉଛି ବଡ କଠିନ ଓ ବଡ ପରିଶ୍ରମ ଯେ ସେ ଏହାଦ୍ୱାରା ପବିତ୍ର ହୋଇଯାଉ ।" ସବୁଠାରୁ ବଡ ଦୁଆ ହେଉଛି ଏହି ଦୁଆ ଯେ ମଣିଷ ନିଜ ପାଇଁ ଦୁଆ କରୁ କି ସେ କିପରି ପାପରୁ ମକ୍ତି ପାଇଯାଉ । "ଏବଂ ଖୁଦାତାଲାଙ୍କ ଦୃଷ୍ଟିରେ ଧାର୍ମିକ ତଥା ସତ୍ୟବାଦୀ ସାବ୍ୟସ୍ତ ହୋଇଯାଉ । ଅର୍ଥାତ ପ୍ରଥମେ ପ୍ରଥମେ ମଣିଷ ଭିତରେ ଯେଉଁ ସଂକୋଚ ବା ପରଦା ରହିଥାଏ ତାହା ଧିରେ ଧିରେ ଦୂର ହେବା ଜରୁରୀ । ଯେବେ ତାହା ଦୂର ହୋଇଯାଏ ସେତେବେଳେ ଅନ୍ୟ ସମସ୍ତ ପରଦାକୁ ଦୂର କରିବା ପାଇଁ ଏତେ ମାତ୍ରାରେ ପରିଶ୍ରମ କରିବାକୁ ପଡିନଥାଏ । କାରଣ ଖୁଦାତାଲାଙ୍କ କୃପା ତାସହିତ ରହି ହଜାର ହଜାର୍ ତ୍ରୁଟି ସ୍ୱତଃପ୍ରୁତଃ ଭାବରେ ଉଭେଇଯାଇଥାଏ । ଯେତେବେଳେ ତାଭିତରେ ପବିତ୍ରତା ତଥା ଶୁଦ୍ଧତା ସୃଷ୍ଟି ହୋଇଥାଏ ଏବଂ ଅଲ୍ଲାଃତାଲାଙ୍କ ସହିତ ସତ୍ ସମ୍ପର୍କ ସ୍ଥାପନ ହୋଇଯାଏ ,ସେତେବେଳେ ପୁଣି ଅଲ୍ଲାଃତାଲା ସ୍ୱୟଂ ଆପେ ଆପେ ତାହାର ରକ୍ଷକ ଏବଂ ଟ୍ରଷ୍ଟି ହୋଇଯାଇଥାଏ । ସେ ଅଲ୍ଲାଃତାଲାଙ୍କଠାରୁ ତା ନିଜ ଆବଶ୍ୟକତା ମାଗିବା ପୂର୍ବରୁ ଅଲ୍ଲାଃତାଲା ତାର ଆବଶ୍ୟକତାକୁ ନିଜେ ପୂରଣ କରିଦେଇଥାନ୍ତି । ଏହା ହେଉଛି ଏକ ସୂକ୍ଷ୍ମ ରହସ୍ୟ ଯାହା ସେତେବେଳେଖୋଲିଥାଏ ।"ଏହା ବଡ ସୂକ୍ଷ୍ମ ରହସ୍ୟ ଏବଂ ଏହି ରହସ୍ୟ ସେତେବେଳେ ଉନ୍ମୋଚନ ହୋଇଥାଏ "ଯେତେବେଳେ ମଣିଷ ଏହି ସ୍ଥାନରେ ପହଁଚିଥାଏ । ତା ପୂର୍ବରୁ ଏକଥାକୁ ବୁଝିବା ତାପାଇଁ କଷ୍ଟକର ହୋଇଥାଏ । କିନ୍ତୁ ଏହା ଜଣେ ମହାନ ଯୋଦ୍ଧାର କାମ । କାରଣ ଦୁଆ ବି ଗୋଟିଏ ସଂଘର୍ଷକୁ ଆବଶ୍ୟକ କରିଥାଏ । ଯେଉଁ ଲୋକ ଦୁଆ ପ୍ରତି ବେପରୁଆ ହୋଇଥାଏ ଓ ସେଥିରୁ ଦୂରେଇ ରହିଥାଏ , ଅଲ୍ଲାଃତାଲା ମଧ୍ୟ ତାହାର ପରବାଏ କରେନାହିଁ ଓ ତାଠାରୁ ଦୂରେଇଯାଇଥାଏ । ଶୀଘ୍ରତା ଏଠାରେ କାମରେ ଆସେନାହିଁ । ଖୁଦାତାଲା ନିଜ ଦୟା ଓ କୃପାରୁ ଯାହା ଇଛାକରନ୍ତି ତାହା ପ୍ରଦାନ କରିଥାନ୍ତି ଏବଂ ଯେବେ ଇଛାକରନ୍ତି ସେବେ ପ୍ରଦାନ କରନ୍ତି । ମାଗୁଥିବା ଲୋକର ଏ କାମ ନୁହେଁ ଯେ ତାକୁ ତୁରନ୍ତ ନମିଳିବା ଯୋଗୁଁ ସେ ଅଭିଯୋଗ କରୁ ଓ ତାହାଙ୍କ (ଅର୍ଥାତ ପ୍ରଦାନକାରୀଙ୍କ)ବିଷୟରେ କୁମନ୍ତ୍ରଣା କରୁ । ବରଂ ନିରନ୍ତର ଦୃଢତାର ସହିତ ଧୈର୍ଯ୍ୟ ଦେଖାଇ ମାଗିଚାଲିଥାଉ ।"

***(ମଲଫୁଜାତ୍ , ଖ-୬ , ପୃ-୪୦୬-୪୦୭ ଏଡିଶନ୍ ୧୯୮୪)***

ଅଲ୍ଲାଃତାଲା ଆମକୁ ଏହି ସମସ୍ତ କଥା ଉପରେ ପରିଚାଳିତ ହେବାପାଇଁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଏବଂ ଏହି ରମଜାନକୁ ଆମମାନଙ୍କ ପାଇଁ ଅଲ୍ଲାଃତାଲାଙ୍କ ସହିତ ଏକ ଦୃଢ ବନ୍ଧନରେ ଯୋଡିଦେଉ । ତାହାଙ୍କ କଥା ଉପରେ ପରିଚାଳିତ ହେବାବାଲା କରିଦିଅନ୍ତୁ । ତାହାଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସକାରୀ ବନାଇଦେଉ । ପ୍ରାର୍ଥନା ଗ୍ରହଣୀୟ ହେବାର ଦୃଶ୍ୟ ଆମକୁ ଦେଖଣାହାରି କରିଦେଉ । ଏବଂ ଏପରି ଅବସ୍ଥା ଆମର ସବୁବେଳ ପାଇଁ କାଏମ୍ ରହୁ । ରମଜାନରେ ବି ଏବଂ ରମଜାନ ପରେ ବି ଆମେମାନେ ଅଲ୍ଲାଃତାଲାଙ୍କର ଜଣେ ଜଣେ ଶୁଦ୍ଧ ସେବକ ଓ ଭକ୍ତ ହେବାର ଭୂମିକା ନିର୍ବାହକାରୀ ସାବ୍ୟସ୍ତ ହୋଇପାରିବା । ଅଲ୍ଲାଃତାଲା ଆମକୁ ଏପରି ରାସ୍ତା ଦେଖାନ୍ତୁ ଯେଉଁ ରାସ୍ତାରୁ ଆମେ କେବେ ବି ବିଚ୍ୟୁତ ହେବାନାହିଁ । ଏବଂ ସର୍ବଦା ତାହାର ପ୍ରେମପୂର୍ଣ୍ଣ ଦୃଷ୍ଟି ଆମ ଉପରେ ପଡିଚାଲିଥାଉ । ଆମେ ଏ ଯୁଗର ଇମାମଙ୍କ ବୟତର ହକ୍‌କୁ ସଠିକ ଭାବରେ ପ୍ରଦାନ କରିପାରିବା । ଅଲ୍ଲାଃତାଲାଙ୍କ ଏହି ପୁରସ୍କାରକୁ ପାଇ ଆମେ କେବେ ବି ଏଥିରୁ ବଂଚିତ ରହିବା ନାହିଁ । ଯେଉଁ ପୁରସ୍କାର ଅଲ୍ଲାଃତାଲା ଏ ଯୁଗର ଇମାମଙ୍କୁ ମାନିବା ଯୋଗୁଁ ଦେଇଛନ୍ତି । ଅଲ୍ଲାଃତାଲା ଆମ ବିରୋଧିମାନଙ୍କ ତଥା ଆମ ଶତ୍ରୁମାନଙ୍କ ଦୁଷ୍କାମିରୁ ଆମକୁ ସର୍ବଦା ରକ୍ଷା କରନ୍ତୁ । ଆମ ଦୁଆ(ପ୍ରାର୍ଥନାଗୁଡିକୁ) କୁବୁଲ୍ (ଗ୍ରହଣ)କରି ଶତ୍ରୁମାନଙ୍କ ଦୁଷ୍କାମିକୁ ସେମାନଙ୍କ ଉପରେ ପକାଇଦେଉ । ଜମାଅତର ଉନ୍ନତି ଓ ବିକାଶର ସାଧନ ସର୍ବଦା ଉପଲବ୍ଧ କରିଚାଲିଥାଉ । ଅତଃ ଏହି ରମଜାନକୁ ନିଜ ଦୁଆ ଗ୍ରହଣୀୟ ହେବାର ଏକ ମାଧ୍ୟମ କରିଦିଅନ୍ତୁ । ଅଲ୍ଲାଃତାଲା ଆମକୁ ଏହାର ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ଏ ଦୁନିଆର ପରିସ୍ଥିତି ପାଇଁ ମଧ୍ୟ ପ୍ରର୍ଥନା କରନ୍ତୁ । ଅଲ୍ଲାଃତାଲା ଏ ଜଗତକୁ ବିନାଶରୁ ରକ୍ଷା କରନ୍ତୁ , ଏବଂ ସେମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ଯେ ସେମାନେ ନିଜ ସୃଷ୍ଟିକର୍ତା ଈଶ୍ୱରଙ୍କୁ ଚିହ୍ନନ୍ତୁ ।

ମୁଁ ନମାଜ ଜୁମା ପରେ ଏମ୍ ଟି ଏ ର ଗୋଟିଏ ସାଇଟ୍ ବି ଲଂଚ କରିବି । ଯାହାକୁ ଏମ୍ ଟି ଏ ଇଂଟରନ୍ୟାସନାଲ୍ ଗୋଟିଏ ୱେବସାଇଟ୍ ତିଆରି କରିଛି । ଏହାର ମୋବାଇଲ୍ ଆପ୍ଲିକେଶନ୍ ତିଆରି କରିଛି । ସେଥିରେ ତିନିଶହ ତେର ବଦରୀ ସାହାବାମାନଙ୍କ ସମ୍ବନ୍ଧରେ ମୋ ଖୁତବା ଜୁମାଗୁଡିକରେ ବର୍ଣ୍ଣିତ ତଥ୍ୟଗୁଡିକୁ ଏକାଠି କରାଯାଇଛି । ଏହି ୱେବସାଇଟ୍‌ରେ ଲୋକମାନେ ଖୁତବା ଜୁମା ଦେଖିବା ସହିତ ବଦରୀ ସାହାବାମାନଙ୍କ ସମ୍ବନ୍ଧରେ ଉପଲବ୍ଧ କରାଯାଇଥିବା ପ୍ରୋଫାଇଲ୍ସ ପଢିପାରିବେ । ଏବଂ ଯିଏ ଯେତିକି ବି ପଢିସାରିଥିବେ , ସେ ତାକୁ ବୁକ୍ ମାର୍କ ବି କରିପାରିବେ । ଏତଦ୍ ବ୍ୟତୀତ ପ୍ରତ୍ୟେକ ସାହାବିଙ୍କ ସମ୍ବନ୍ଧରେ ପ୍ରଶ୍ନ ଉତର ର ଗୋଟିଏ କୁଇଜ୍ ମହଜୁଦ ରହିଛି । ୱେବସାଇଟ୍ ରେ ଉପଲବ୍ଧ କରାଯାଇଥିବା ଉପଯୋଗୀ ଚିତ୍ରଗୁଡିକୁ ବି ଦେଖିପାରିବେ । ନାମ ତଥା କଠିନ ଶବ୍ଦଗୁଡିକର ଆରବି ଉଚ୍ଚାରଣ ବି ଶୁଣିପାରିବେ । ଏପର୍ଯ୍ୟନ୍ତ ଅପଲୋଡ୍ କରାଯାଇଥିବା ସୂଚନା ବ୍ୟତୀତ ଆଗାମୀରେ ପ୍ରସ୍ତୁ ହେବାକୁ ଥିବା ନୂତନ ସୂଚନା ତଥା ଭିଡିଓ ଗୁଡିକ ବି ପ୍ରତି ସପ୍ତାହରେ ଏଥିରେ ଜାରି କରାଯିବ । ୱେବସାଇଟ୍ ର ଠିକଣା ହେଉଛି www.313companions.org ଯେମିତିକି ମୁଁ ଏହା କହିସାରିଛି ଯେ ନମାଜ ପାଠ ପରେ ଏହାର ଲଂଚ କରାଯିବ । ଅଲ୍ଲାଃତାଲା ଏହାକୁ ବି ଲୋକମାନଙ୍କ ପାଇଁ ଲାଭ ଉଠାଇବାର ଉତ୍ସ କରନ୍ତୁ । ଆମିନ୍ ।

⌘⌘⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

ପରମ ପ୍ରତାପି ଅଲ୍ଲାଃ ନିଜ ସୃଷ୍ଟିର ମଙ୍ଗଳପାଇଁ ଯେଉଁ ଦ୍ୱାରକୁ ଖୋଲିଦେଇଛନ୍ତି ତାହା ହେଉଛି ଗୋଟିଏ । ଅର୍ଥାତ୍ ଦୁଆ (ପ୍ରର୍ଥନା) । ଯେତେବେଳେ ଜଣେ ବିଳାପ ଓ କ୍ରନ୍ଦନ କରି ସେହି ଦ୍ୱାରରେ ପ୍ରବେଶ କରିଥାଏ , ସେତେବେଳେ ସେହି ଦୟାବନ୍ତ ଅଲ୍ଲାଃ ତାକୁ ପବିତ୍ରତାର ଚାଦର ପିନ୍ଧାଇ ଦେଇଥାନ୍ତି ଏବଂ ନିଜ ମହିମାର ପରାକାଷ୍ଠା ଏପରି ଦେଖାଇଥାନ୍ତି ଯେ ସେ ବ୍ୟର୍ଥ କର୍ମରୁ ତଥା ଅଦରକାରୀ କାର୍ଯ୍ୟରୁ ପଳାୟନ କରିଥାଏ ।

**ପବିତ୍ର ରମଜାନ୍ ମାସରେ ଦୁଆ(ପ୍ରାର୍ଥନା)ର ଗୁରୁତ୍ୱ ତଥା ଦୁଆ ଗ୍ରହଣୀୟ ହେବାର କାରକ ଏବଂ ସର୍ତାବଳୀ ଉପରେ ତୃପ୍ତ ବିବୃତି**

ଆମମାନଙ୍କ ମଧରେ ସେମାନେ ହେଉଛନ୍ତି ଭାଗ୍ୟବାନ, ଯେଉଁମାନେ ଏହି ରମଜାନ୍ ମାସକୁ ସର୍ବଦା ନିଜ ଦୁଆ ଗ୍ରହଣୀୟ ହେବାର ଜରିଆ ବନାଇଛନ୍ତି । ଆମେମାନେ ଅଲ୍ଲାଃତାଲାଙ୍କ ପ୍ରକୃତ ଭକ୍ତ ହେବା । ଅଲ୍ଲାଃତାଲାଙ୍କ ଆଦେଶାବଳୀ ଉପରେ ପରିଚାଳିତ ହେବା । ନିଜର ଇମାନ୍(ବିଶ୍ୱାସ)କୁ ସମ୍ପୂର୍ଣ୍ଣ କରିବା ।

---

ପବିତ୍ର କୁରଆନର ଆୟତ ***ୱଲ୍ଲଜିନା ଜାହଦୁ ଫିନା ଲନହଦିୟନ୍ନହୁମ୍ ସୁବୁଲନା*** (ଅର୍ଥାତ୍ ଯେଉଁମାନେ ଆମ ମାର୍ଗରେ ପ୍ରୟାସ କରିଥାନ୍ତି ଆମେ ସେମାନଙ୍କ ଆବଶ୍ୟକାନୁସାରେ ସେମାନଙ୍କ ମାର୍ଗଦର୍ଶନ କରିଥାଉଁ)ର ଦାବି କରିବାର ଯଥାର୍ଥତା ।

---

ଏ ଦୁନିଆର ପରିସ୍ଥିତିକୁ ଦେଖି ଦୁଆ କରିବା ନିମନ୍ତେ ଆହ୍ୱାନ‘‘ଅଲ୍ଲାଃତାଲା ଏ ଜଗତକୁ ବିନାଶରୁ ରକ୍ଷା କରନ୍ତୁ , ଏବଂ ସେମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ଯେ ସେମାନେ ନିଜ ସୃଷ୍ଟିକର୍ତା ଈଶ୍ୱରଙ୍କୁ ଚିହ୍ନନ୍ତୁ ।

---

ବଦରୀ ସାହାବାମାନଙ୍କ ସମ୍ବନ୍ଧରେ ହଜରତ୍ ଖଲିଫତୁଲ୍ ଖାମିସ୍ (ପଂଚମ)ଙ୍କ ପ୍ରଦତ ଖୁତବା ଜୁମାଗୁଡିକ ଉପରେ ଆଧାରିତ ଏମ୍ ଟି ଏ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ୱେବସାଇଟ୍ www.313companions.org ର ଉନ୍ମୋଚନ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ ୦୮ ଅପ୍ରେଲ୍ ୨୦୨୨ ଅନୁଯାୟୀ ୦୮ ଶାହାଦତ୍ ୧୪୦୧ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

***ୱ ଇଜା ସାଲକା ଇବାଦୀ ଅନ୍ନି ଫଇନ୍ନି କରିବୁନ୍ ଉଜିବୁ ଦାୱତଦ୍ଦାଇ ଇଜା ଦାଆନି ଫଲ୍‌ୟସତଜିବୁ ଲି ୱଲ୍ ୟୁମିନୁ ବି ଲାଅଲ୍ଲହୁମ୍ ୟର୍‌ଶୁଦୁନ୍(ସୁରଃ ଅଲ୍‌ବକ୍‌ରାଃ : ୧୮୭)*** ଏହି ଆୟତର ଅନୁବାଦ ହେଉଛି ଏପରି : ଏବଂ (ହେ ରସୁଲ !)ଯେବେ ଆମ୍ଭ ଭକ୍ତମାନେ ତୁମ୍ଭକୁ ଆମ୍ଭ ସଂକ୍ରନ୍ତରେ ପ୍ରଶ୍ନ କରିବେ ତେବେ (କୁହ)ଆମ୍ଭେ ସେମାନଙ୍କ ନିକଟରେ ଅଛୁ ; ପ୍ରାଥନାକାରୀ ଯେବେ ବି ଆମ୍ଭଙ୍କୁ ପ୍ରାଥନାକରେ ଆମ୍ଭେ ତାହାର ପ୍ରାଥନାକୁ ଗ୍ରହଣ କରିଥାଉ; ସୁତରାଂ ଆମ୍ଭର ଆଦେଶ ଗ୍ରହଣ କରିବା ଓ ଆମ୍ଭ ଉପରେ ବିଶ୍ୱାସ ସ୍ଥାପନକରିବା ସେମାନଙ୍କ ପକ୍ଷେ ବିଧେୟ , ଫଳରେ ସେମାନେ ସତ୍‌ପଥଗାମୀ ହେବେ ।

ଅଲ୍ଲାଃତାଲାଙ୍କ କୃପାରୁ ଆମେମାନେ ରମଜାନ୍ ମାସରେ ଦିନ ଅତିବାହିତ କରୁଅଛନ୍ତି । ଏହି ମାସଟି ହେଉଛି ଦୁଆ(ପ୍ରାର୍ଥନା)ଗ୍ରହଣୀୟ ହେବାର ମାସ । ଅଲ୍ଲାଃତାଲା ଏହି ମାସରେ ନିଜର ବିଶେଷ କରୁଣା ଦ୍ୱାରା ଦୁଆ(ପ୍ରାର୍ଥନା)ଗୁଡିକୁ ଗ୍ରହଣ କରିବା ପାଇଁ ଘୋଷଣା କରିଛନ୍ତି । ସେ ନିଜର ବିଶେଷ ଅନୁଗ୍ରହର ଉତ୍ସକୁ ଜାରି କରିଦେଇଛନ୍ତି । କାରଣ ଏଥିରେ ମଣିଷ ନିଜର ପ୍ରତ୍ୟେକ କାର୍ଯ୍ୟ ଖୁଦାତାଲା ଙ୍କ ସାନ୍ନିଧ୍ୟ ହାସଲ କରିବା ପାଇଁ କରିଥାଏ । ଏପରିକି ଖାଇବା ପଇବା ବି ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶାନୁସାରେ ଏକ ଧାର୍ଯ୍ୟ ସମୟରେ କରିଥାଏ । ସେଇଥିପାଇଁ ଆଁ ହଜରତ୍ ସ ଆ ସ କହିଲେ ଯେ ଅଲ୍ଲାଃତାଲା କହିଛନ୍ତି : ଏହି ମାସରେ ଜନ୍ନତ୍ (ବୈକୁଣ୍ଠ)ର ଫାଟକକୁ ଖୋଲିଦିଆଯାଏ ଏବଂ ଦୋଜଖ୍(ନର୍କ)ର ଫାଟକକୁ ବନ୍ଦ କରିଦିଆଯାଏ । ଏହି ମାସରେ ଶୟତାନକୁ ବାନ୍ଧିଦିଆଯାଏ । ***(ସହି ମୁସଲିମ୍ କିତାବୁଲ୍ ସିୟାମ୍ ......ହଦିସ୍ ନଂ-୨୪୯୫)***

ଅତଃ ଏହା ଆମର ସୌଭାଗ୍ୟ ଯେ ଅଲ୍ଲାଃତାଲା ଏପରି ବ୍ୟବସ୍ଥା ଆମମାନଙ୍କପାଇଁ ଉପଲବ୍ଧ କରାଇଦେଇଛନ୍ତି ଯେ, ଯାହା ସାହାଯ୍ୟରେ ଆମେମାନେ ଅଲ୍ଲାଃତାଲଙ୍କ ସାନ୍ନିଧ୍ୟ ପାଇବାର ରାସ୍ତାକୁ ସହଜରେ ପାଇପାରିବା । ଏହା ଆମର ଦୁର୍ଭାଗ୍ୟ ହେବ ଯେ ଏପରି ପରିସ୍ଥିତି ଓ ସୁବିଧା ଅଲ୍ଲାଃତାଲାଙ୍କ ତରଫରୁ ଉପଲବ୍ଧ ହେବା ସତ୍ୱେ ବି ଆମେ ଏଥିରୁ ଲାଭ ଉଠାଇନପାରିବା । କଣ ଏ ଦୁନିଆରେ ରମଜାନ ମାସରେ ଜାନୀ (ବ୍ୟଭିଚାରୀ), ଡାକୁ , ଚୋର , ଅପରାଧି ଓ ଅନୈତିକ ଲୋକେ ନିଜ ନିଜର କାମ କରୁନାହାନ୍ତି ? କରୁଛନ୍ତି ଓ ନିଶ୍ଚିତ ରୂପେ କରୁଛନ୍ତି । ଯଦି ପ୍ରତ୍ୟେକଙ୍କ ଶୟତାନ୍‌କୁ ବାନ୍ଧି ଦିଆଯାଏ ତାହେଲେ ଏମାନେ ପୁଣି ଏମିତି ଶଇତାନୀ କାମ କାହିଁକି କରନ୍ତେ ? ଏଥିରେ ମୋମିନ୍ (ଈଶ୍ୱରବିଶ୍ୱାସୀ)ମାନଙ୍କ ପାଇଁ ଉପଦେଶ ରହିଛି , ସେହି ଲୋକମାନଙ୍କ ପାଇଁ ଯେଉଁମାନେ ଅଲ୍ଲାଃତାଲାଙ୍କ ନିକଟତର ହେବାକୁ ଚାହୁଁଛନ୍ତି । ରମଜାନ୍ ମାସରେ ସେମାନେ ନିଜକୁ ବୈଧକାର୍ଯ୍ୟରୁ ବି ଅଲ୍ଲାଃତାଲା ଙ୍କ କହିବାନୁସାରେ ନିଜକୁ ରୋକିକି ରଖିଛନ୍ତି । ତେଣୁ ଅଲ୍ଲାଃତାଲା କହିଲେ ଯେ ମୁଁ ତୁମକୁ ସୁସମାଚାର ଦେଉଛି ଯେ ସାଧାରଣ ପରିସ୍ଥିତିରେ ଶଇତାନକୁ ଯେଉଁ ଖୁଲମ୍ ଖୁଲା ଛୁଟି ମିଳିଅଛି , ଯେମିତିକି ସେ ଅଲ୍ଲାଃତାଲା ଠାରୁ ମହଲତ ମାଗିଛି ଯେ ଡାହାଣ ଓ ବାମ ଏବଂ ଆଗ ଓ ପଛରୁ ସେ ମଣିଷ ଉପରେ ଆକ୍ରମଣ କରିବ ଓ ତାକୁ ପ୍ରତାରଣା କରି ନିଜ ପଛରେ ଚଲାଇବ । ଆଜି ମୁଁ ସେହି ଶଇତାନକୁ ସେହି ଲୋକମାନଙ୍କ ପାଇଁ ବାନ୍ଧିକି ରଖିଦେଇଛି ବା ରମଜାନ ମାସରେ ତାକୁ ବାନ୍ଧିକି ରଖି ଦେଇଛି । ଏବଂ ଏପରି ଲୋକମାନଙ୍କୁ ସମ୍ପୂର୍ଣ୍ଣ ରୂପେ ନିଜ ସୁରକ୍ଷା ବଳୟଭିତରେ ରଖିଦେଇଛି ,ଯେଉଁମାନେ ମୋ ଖାତିର୍ ରୋଜା ରଖୁଛନ୍ତି , ନିଜ ଖଦ୍ୟପେୟକୁ କମ କରିଦେଇଛନ୍ତି , ନିଜର ଆଧ୍ୟାତ୍ମିକତାରେ ବଢିବାପାଇଁ ଚେଷ୍ଟାକରୁଛନ୍ତି । ଯେମିତିକି ହଜରତ୍ ମସିହ୍ ମଉଦ୍ ଆ ସ କହିଛନ୍ତି ଯେ ସେମାନେ ସାମଗ୍ରୀକ ଖାଦ୍ୟକୁ ହ୍ରାସ କରି ଆଧ୍ୟାତ୍ମିକ ଖାଦ୍ୟକୁ ବୃଦ୍ଧି କରିଥାନ୍ତି ବା ସେଥିପାଇଁ ଚେଷ୍ଟାକରିଥାନ୍ତି । ଏହା ହିଁ ରମଜାନ ମାସର ଆତ୍ମା ଏବଂ ରୋଜାର ଆତ୍ମା ।

***(ଉଦ୍ଧୃତ ମଲଫୁଜାତ୍ ଖ-୯ ପୃ-୧୨୩)***

ଅଲ୍ଲାଃତାଲା ଏହିପରି ଲୋକମାନଙ୍କ ଶୟତାନକୁ ସମ୍ପୂର୍ଣ୍ଣ ରୂପେ ବାନ୍ଧିଦେଇଥାନ୍ତି । ପୁଣି ଅଲ୍ଲାଃତାଲା ଏହା ମଧ୍ୟ କହିଛନ୍ତି ଯେ ମୁଁ ସ୍ୱୟଂ ରୋଜଦାରକୁ ପୁରସ୍କାର ଦେବି । *(ସହି ବୁଖାର, କିତାବୁଲ୍ ତୌହିଦ୍ .....ହଦିସ୍ -୭୪୯୨)* ଏହା କେତେବଡ ସୁସମାଚାର । ସୁତରାଂ ଆମକୁ ଏଥିରୁ ଉପକୃତ ହେବାକୁ ଚେଷ୍ଟାକରିବା ଉଚିତ । ବୈକୁଣ୍ଠର ଯେଉଁ ଫାଟକକୁ ଅଲ୍ଲାଃତାଲା ଆମପାଇଁ ଖୋଲିଦେଇଛନ୍ତି ,ତାହାର ପତ୍ୟେକ ଦ୍ୱାରରେ ପ୍ରବେଶ କରିବା ପାଇଁ ଚେଷ୍ଟାକରିବା ଉଚିତ । ଏପରି ନହେଉ ଯେ

ଆମେମାନେ ଅଲ୍ଲାଃତାଲାଙ୍କ ସେହି ବାକ୍ୟର ଅଧିନ ନହୋଇଯିବା ,ଯେଉଁଥିରେ ଅଲ୍ଲାଃତାଲା ଭାଷିଛନ୍ତି ଯେ ତୁମମାନଙ୍କର ଭୋକିଲା ରହିବା ତଥା ତୃଷାର୍ତ୍ତ ରହିବାରେ ମୋର କୌଣସି ଆଗ୍ରହ ନାହିଁ । ଯଦି ତୁମେ ସକାଳେ ସହରୀ ଖାଇଲ ଓ ସଂନ୍ଧ୍ୟାବେଳେ ଇଫ୍ତାରୀ କରିନେଲ କିନ୍ତୁ ରାତିବେଳା ଓ ଦିନବେଳା ଯେଉଁ ପୂଣ୍ୟକାର୍ଯ୍ୟଗୁଡ଼ିକୁ କରିବା ପାଇଁ ତୁମକୁ ଆଦେଶ ଦିଆଯାଇଥିଲା ଓ ତୁମଠାରୁ ଆଶା କରାଯାଉଥିଲା , ତାହା ତୁମେ କଲ ନାହିଁ , ତାହେଲେ ଏମିତି ଭୋକିଲା ରହିବା ତଥା ଶୋଷିଲା ରହିବା, ଦିନତମାମ୍ ନଖାଇ ନପିଇ ରହିବା ତୁମକୁ କୌଣସି ଲାଭ ଦେବନାହିଁ କିନ୍ତୁ ମର ଏପରି ଭୋକିଲା ବା ଶୋଷିଲା ରହିବାରେ ଅଲ୍ଲାଃତାଲାଙ୍କୁ କୌଣସି ଗରଜ ନାହିଁ । ଏହି ବାର୍ତ୍ତା ଆମକୁ ଆଁହଜରତ୍ ସ ଆ ସ ଙ୍କ ଜରିଆରେ ମିଳିଛି । ***(ସହି ବୁଖାରୀ, କିତାବୁଲ୍ ସୌମ୍ .........ହଦିସ୍-୧୯୦୩)***

ଅତେବ ଆମକୁ ଏହାର ଆତ୍ମାକୁ ବୁଝିବା ପାଇଁ ତଥା ତାମୁତାବକ ନିଜର ଜୀବନକୁ ପରିଚାଳିତ କରିବାପାଇଁ ଅର୍ଥାତ ରମଜାନର ଉଦ୍ଦେଶ୍ୟକୁ ପୂରଣ କରିବାର ଆବଶ୍ୟକତା ରହିଛି ।

ଯେଉଁ ଆୟତକୁ ମୁଁ ତିଲାଓ୍ୱତ୍ କରିଲି , ଏହା ରମଜାନର ଗୁରୁତ୍ୱ ଓ ଆଦେଶ ତଥା ତାହାର ମହତ୍ୱକୁ ଦର୍ଶାଉଥିବା ଆୟତ ଅଟନ୍ତି ଏବଂ ଏହି ଆୟତଗୁଡ଼ିକରେ ଅଲ୍ଲାଃତାଲା ଦୁଆ(ପ୍ରାର୍ଥନା) ଗ୍ରହଣୀୟ ହେବାର ଉପାୟ ତଥା କେଉଁ ଲୋକମାନଙ୍କର ଦୁଆ ଗ୍ରହଣୀୟ ହୋଇଥାଏ । ସେମାନଙ୍କ ସମ୍ବନ୍ଧରେ କହିଯଛନ୍ତି ଯେଉଁମାନେ ହେଉଛନ୍ତି ଇବାଦୁର୍ ରହମାନ୍ (ଅର୍ଥାତ ଦୟାବନ୍ତ ଅଲ୍ଲାଃଙ୍କ ଉପାସକ), ଯେଉଁମାନେ ଇବାଦୁର୍ ରହମାନ୍ (ଅର୍ଥାତ ଦୟାବନ୍ତ ଅଲ୍ଲାଃଙ୍କ ଉପାସକ)ହେବାକୁ ଚାହୁଁଛନ୍ତି , ଯେଉଁମାନେ ଶୟତାନର କବଳରୁ ବାହାରିବାକୁ ଚାହୁଁଛନ୍ତି ଏବଂ ନିଜ ଦୁଆ (ପ୍ରର୍ଥନା)ଗୁଡ଼ିକୁ ଗ୍ରହଣୀୟ ହେବାକୁ ଦେଖିବାକୁ ଚାହୁଁଛନ୍ତି । ଅଲ୍ଲାଃତାଲା ଆରମ୍ଭରେ ଏପରି କହଛନ୍ତି ଯେ ହେ ରସୁଲ୍ ! ଯେବେ ମୋ ଭକ୍ତ ତୁମକୁ ପ୍ରଶ୍ନ କରିବେ ଯେ ଆମର ଈଶ୍ୱର (ଅଲ୍ଲାଃ)କେଉଁଠି ଅଛନ୍ତି ? ଜଣେ ପ୍ରେମିକ ପରି ଉତ୍କଣ୍ଠାର ସହିତ ପଚାରିବେ , ଅଲ୍ଲାଃତାଲାକୁ ପାଇବାପାଇଁ ପ୍ରତ୍ୟେକ ପ୍ରକାରର ଚେଷ୍ଟା ବ୍ୟଗ୍ରତାର ସହିତ ପ୍ରକାଶ କରିବେ । ସେତେବେଳେ ଅଲ୍ଲାଃତାଲା କୁହନ୍ତି ,ସେମାନଙ୍କୁ କହିଦିଅ ଭୟକରନାହିଁ । ମୁଁ ତୁମମାନଙ୍କ ନିକଟରେ ଅଛି । ପ୍ରଥମ ସର୍ତ୍ତ ଅଲ୍ଲାଃତାଲା ଏହା ଲଗାଇଛନ୍ତି ଯେ ମୋତେ ପାଇବାକୁ ହେଲେ ପ୍ରଥମେ ମୋ ଭକ୍ତ ହେବାକୁ ପଡିବ ।

ଯଦି ମଣିଷ ଖୁଦାତାଲାଙ୍କ ଭକ୍ତ ହେବାର ହକ୍ ପ୍ରଦାନକାରୀ ହୋଇଯାଏ , ତାହେଲେ ପୁଣି ଅଲ୍ଲାଃତାଲା କୁହନ୍ତି ଯେ ମୁଁ ତାର ଡାକକୁ ଶୁଣିଥାଏ ଓ ତା ଶୟତାନକୁ ବାନ୍ଧି ଦେଇଥାଏ । ଯେବେ ବି ଶୟତାନ୍ ଆକ୍ରମଣ କରିଥାଏ ମୁଁ ସାହାଯ୍ୟ କରିବାକୁ ଆସିଥାଏ । ଏହା କେବଳ ବର୍ଷକର ଗୋଟିଏ ମାସ ଅର୍ଥାତ ରମଜାନ୍ ମାସ ନୁହେଁ ବରଂ ସର୍ବଦା ଏପରି ବ୍ୟକ୍ତି କୁ ଶୟତାନ୍‌ର ଆକ୍ରମଣରୁ ବଂଚାଇବି । ସର୍ତ୍ତ କେବଳ ଏତିକି ଯେ ମୋ ଉପାସନାର ହକ କୁ ପ୍ରଦାନ କର ଏବଂ ମୋ ଆଦେଶଗୁଡ଼ିକୁ ସବୁବେଳେ ପାଳନ କର । କେବଳ ରମଜାନ ମାସରେ ପୁଣ୍ୟ ଅର୍ଜନ କରନାହିଁ ବରଂ ହୁକୁକୁଲ୍ଲାଃ ଏବଂ ହୁକୁକୁଲ୍ ଇବାଦ୍ (ଅର୍ଥାତ ଅଲ୍ଲାଃଙ୍କ ପ୍ରତି ଥିବା କର୍ତ୍ତବ୍ୟ ଓ ପ୍ରାଣିଜଗତ ପ୍ରତି ଥିବା କର୍ତ୍ତବ୍ୟ)କୁ ପାଳନ କର । ନିଜର ଇମାନ (ବିଶ୍ୱାସ)କୁ ସୁଦୃଢ କର । ଅଲ୍ଲାଃତାଲା କୁହନ୍ତି ଯେ ତୁମେମାନେ ମୋର ସମସ୍ତ ବିଶେଷଗୁଣଗୁଡିକ ଉପରେ ପୂର୍ଣ୍ଣ ବିଶ୍ୱାସ ରଖ । ପୁଣି ଦେଖ କିପରି ଦୁଆ ଗ୍ରହଣୀୟ ହେବାର ଦୃଶ୍ୟ ବି ଦେଖିବ । ଯେଉଁମାନେ ନିଜ ଜୀବନକୁ ଏହିପରି ପରିଚାଳିତ କରିଥାନ୍ତି, ସେମାନେ ହିଁ ପ୍ରକୃତ ମାର୍ଗଦର୍ଶନ ପାଇଥାନ୍ତି । ଅତେବ ଭାଗ୍ୟବାନ ହେଉଛନ୍ତି ସେମାନେ ଯେଉଁମାନେ ଏହି ରମଜାନ୍ କୁ ନିଜ ଦୁଆ ଗ୍ରହଣୀୟ ହେବପାଇଁ ସଦାସର୍ବଦା ଏକ ଜରିଆ (ଉତ୍ସ) କରିଦେଇଛନ୍ତି ।

ଆମେମାନେ ଅଲ୍ଲାଃତାଲାଙ୍କ ପ୍ରକୃତ ଉପାସନାକାରୀ ହେବା । ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶ ମୁତାବକ ପରିଚାଳିତ ହେବା । ନିଜ ଇମାନକୁ ସଂମ୍ପୂର୍ଣ୍ଣ କରିବା । ଆମେ ବହୁତ ଭାଗ୍ୟବାନ୍ ଯେ ଆମକୁ ଏ ଯୁଗର ଇମାମ୍ ଏବଂ ଆଁହଜରତ୍ ସ ଆ ସ ଙ୍କ ସଚ୍ଚା ପ୍ରେମୀ ମସିହ୍ ମଉଦ ଓ ମେହଦୀ ମାହୁଦ୍ ଆ ସ ଙ୍କୁ ମାନିବା ପାଇଁ ଅଲ୍ଲାଃତାଲା ଆମକୁ ସୌଭାଗ୍ୟ ପ୍ରଦାନ କରିଛନ୍ତ, ଯିଏ ଆମକୁ ଅଲ୍ଲାଃତାଲାଙ୍କ ନିକଟତର ହେବାର ରାସ୍ତା ଏବଂ ଦୁଆ ଗ୍ରହଣୀୟ ହେବାର ଉପାୟ ଓ ଦୁଆ କରିବାର ଶୈଳୀ ଶିଖାଇଲେ । ହଜରତ୍ ମସିହ୍ ଆ ସ ଗୋଟିଏ ଅବସରରେ କହିଛନ୍ତି : "ପରମପ୍ରତାପି ଅଲ୍ଲାଃ ନିଜ ପ୍ରାଣୀଜଗତ(ଅର୍ଥାତ ବିଶେଷ ଭାବରେ ସର୍ବଶ୍ରେଷ୍ଠ ପ୍ରାଣୀ ମନୁଷ୍ୟ)ର ମଙ୍ଗଳ ନିମନ୍ତେ ଯେଉଁ ରାସ୍ତା ଖୋଲିଦେଇଛନ୍ତି , ତାହା ହେଉଛି ଗୋଟିଏ ରାସ୍ତା ,ଅର୍ଥାତ ଦୁଆ (ପ୍ରାର୍ଥନା) । ଯେତେବେଳେ ଜଣେ କ୍ରନ୍ଦନ କରି ତାହାର ଦ୍ୱାର ଦେଶରେ ପ୍ରବେଶ କରିଥାଏ ସେତେବେଳେ ସେହି ଦୟାବନ୍ତ ଈଶ୍ୱର ତାକୁ ପବିତ୍ରତାର ଚାଦର ପିନ୍ଧାଇଦେଇଥାଏ ଓ ନିଜ ମହାନତାର ପ୍ରତାପକୁ ତାଉପରେ ଏତେ ମାତ୍ରାରେ ପରିପ୍ରକାଶ କରିଦେଇଥାଏ ଯେ ସେ ନିରର୍ଥକ କାମ ଓ ବ୍ୟର୍ଥ ଆଚରଣରୁ କୋଷ ଦୂରକୁ ଚାଲିଯାଏ ।" ***(ମଲଫୁଜାତ୍ ଖ-୫ ପୃ-୪୩୮ ଏଡିଶନ୍ -୧୯୮୪)***

ପୁଣି ଏହାର ସ୍ୱଷ୍ଟିକରଣ କରି କହଲେ" ଏହା ସତ୍ୟକଥା ଯେ ଯେଉଁ ଲୋକ କର୍ମ କରୁନାହିଁ ସେ ବାସ୍ତବପକ୍ଷେ ଦୁଆ ହିଁ କରୁନାହିଁ ବରଂ ଖୁଦାତାଲାଙ୍କୁ ପରିକ୍ଷା କରୁଛି ।

ପୁଣି ଏହାର ସ୍ୱଷ୍ଟିକରଣ କରି କହଲେ" ଏହା ସତ୍ୟକଥା ଯେ ଯେଉଁ ଲୋକ କର୍ମ କରୁନାହିଁ ସେ ବାସ୍ତବପକ୍ଷେ ଦୁଆ ହିଁ କରୁନାହିଁ ବରଂ ଖୁଦାତାଲାଙ୍କୁ ପରିକ୍ଷା କରୁଛି ।

ତେଣୁ ଦୁଆ କରିବା ପୂର୍ବରୁ ନିଜର ସମସ୍ତ ଶକ୍ତିକୁ ବିନିଯୋଗ କରିବା ଜରୁରୀ । "ଏହ୍‌ଦେନସ୍ ସିରାତଲ୍ ମୁସ୍ତକିମ୍ " ଦୁଆର ଅର୍ଥ ହେଉଛି ଏହା । ପୁଣି କହିଲେ "ମଣିଷର ସର୍ବ ପ୍ରଥମ କାର୍ଯ୍ୟ ହେଉଛି ଏହା କି ସେ ତା ବିଶ୍ୱାସ ତଥା କର୍ମ ଉପରେ ନଜର ରଖୁ । କାରଣ ଖୁଦାତାଲାଙ୍କର ଏ ନୀତି ଓ ସିଦ୍ଧାନ୍ତ ଯେ ସେ ମଣିଷର ସଂସ୍କାର ସାଧନ ସାହାଯ୍ୟରେ କରିଥାଏ । ସେ କୌଣସି ନା କୌଣସି ସାଧନ ଏପରି ସୃଷ୍ଟି କରିଦେଇଥାନ୍ତି , ତାହା ସଂସ୍କାରର କାରଣ ହୋଇଯାଏ । ଯେଉଁ ଲୋକମାନେ ଏହା କହୁଛନ୍ତି ଯେ ଯଦି ଦୁଆ କରାଗଲା ତାହେଲେ ପୁଣି ସାଧନର ଆବଶ୍ୟକତା କଣ ? ସେହି ଅବୋଧମାନେ ଟିକିଏ ଚିନ୍ତାକରି ଦେଖନ୍ତୁ ଯେ ଦୁଆ ନିଜେ ହିଁ ଗୋଟିଏ ଅଦୃଶ୍ୟ ସାଧନ ଅଟେ,ଯାହା ଅନ୍ୟ ସାଧନଗୁଡ଼ିକୁ ଉପଲବ୍ଧ କରାଇଦେଇଥାଏ ।" ***(ମଲଫୁଜାତ୍ ଖ-୧ ପୃ-୧୨୪ଏଡିଶନ୍ -୧୯୮୪)*** ଦୁଆ ନିଜେ ହିଁ ଏକପ୍ରକାରର ସାଧନ । ଲୁକ୍କାଇତ ସାଧନ । ଏହା ଅନ୍ୟାନ୍ୟ ସାଧନଗୁଡ଼ିକୁ ସୃଷ୍ଟି କରିବାର କାରଣ ହୋଇଥାଏ । ଅତେବ ଦୁଆ ଗ୍ରହଣୀୟ ହେବାପାଇଁ , ଅଲ୍ଲାଃତାଲାଙ୍କ ଭକ୍ତ ହେବାପାଇଁ ଏହା ଜରୁରୀ ଅଟେ ଯେ ମଣିଷ ଚେଷ୍ଟା କରୁ । ପ୍ରଥମତଃ ଅଲ୍ଲାଃତାଲାଙ୍କଠାରୁ ତାର କୃପା ଓ କରୁଣା ଭିକ୍ଷା କରୁ । କୃପା ହେଉଛି ଏହା କି ଅଲ୍ଲାଃତାଲାଙ୍କ ସମ୍ମୁଖରେ କ୍ରନ୍ଦନ କରି ତାହାଙ୍କ ଭକ୍ତମାନଙ୍କ ମଧ୍ୟରେ ସାମିଲ ହୋଇଯାଉ ଏବଂ ତାପାଇଁ ଚେଷ୍ଟାକରୁ । ଏ ପ୍ରାର୍ଥନା କରୁ କି ହେ ଈଶ୍ୱର ମୋତେ ତୁମ୍ଭ ଭକ୍ତମାନଙ୍କ ମଧ୍ୟରେ ସାମିଲ କରିଦିଅନ୍ତୁ । ସେହି ଭକ୍ତମାନଙ୍କ ମଧ୍ୟରେ ଯେଉଁମାନେ ଆସ୍ଥା,ବିଶ୍ୱାସ ଓ କର୍ମ ଦୃଷ୍ଟିକୋଣରୁ ଅଲ୍ଲାଃତାଲାଙ୍କ ଶୁଦ୍ଧ ସେବକ ଓ ଭକ୍ତ ଅଟନ୍ତି । ସେ ଦୁଆ କରିବା ପୂର୍ବରୁ ନିଜ କର୍ମକୁ ବି ଖୁଦାତାଲାଙ୍କ ଇଚ୍ଛାମୁତାବକ ସମ୍ପାଦନ କରିବା ପାଇଁ ଚେଷ୍ଟା କରିବା ଉଚିତ । ସେହି ଭକ୍ତମାନଙ୍କ ମଧ୍ୟରେ ସାମିଲ୍ ହୁଅନ୍ତୁ ଯେଉଁମାନଙ୍କ ଇମାନ୍ ଅସ୍ଥିର ନୁହେଁ (ବରଂ)ପକା ଓ ମଜଭୁତ୍ ଇମାନ ଅଟେ । ସେମାନେ ଏଥିରେ ବିଶ୍ୱାସ ରଖିଛନ୍ତି ଯେ ଅଲ୍ଲାଃତାଲାଙ୍କ ମଧ୍ୟରେ ଏପରି ଶକ୍ତି ନିହିତ ରହିଛି ଯେ ସେ ମାଟିର କଣିକାକୁ ବି ସୁନାରେ ପରିବର୍ତନ କରିଦେଇପାରେ । ସେ ଏ ଶକ୍ତି ରଖିଛି ଯେ ଅତ୍ୟଧିକ ବିଗିଡିଯାଇଥିବା ଅପବିତ୍ର ଲୋକମାନଙ୍କୁ ବି ନିଜ ପବିତ୍ର ଭକ୍ତମାନଙ୍କ ମଧ୍ୟରେ ସାମିଲ୍ କରିପାରିବେ । ସେମାନଙ୍କୁ ନିଜର ମାର୍ଗଦର୍ଶନ କରାଇଥାନ୍ତି ଫଳତଃ ସେମାନେ ଖୁଦାତାଲାଙ୍କ ଆଡକୁ ଯାଉଥିବା ମାର୍ଗରେ ପରିଚାଳିତ ହୋଇପାରିବେ । ଏ ବିଷୟକୁ ବି ଅଲ୍ଲାଃତାଲା ପବିତ୍ର କୁରଆନରେ ବର୍ଣ୍ଣନା କରିଛନ୍ତି ଯେ ମୋ ମାର୍ଗରେ ପରିଚାଳିତ ହେଉଥିବା ଓ ପ୍ରୟାସ କରୁଥିବା ଲୋକମାନଙ୍କୁ ମୁଁ ନିଜର ରାସ୍ତା

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

**ତାଲିବେ ଦୁଆ:** *Majlis Lajna Imaillah, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ଦେଖାଇଥାଏ । ଉଦାହରଣସ୍ୱରୂପ ଅଲ୍ଲାଃତାଲା କହିଲେ : ଓ୍ୱଲ୍ଲଜିନା ଜାହଦୁ ଫିନା ଲନହଦିୟନ୍ନହୁମ୍ ସୁବୁଲନା (ଅଲଅନକବୁତ୍ :୭୦)ଅର୍ଥାତ୍ ସେହି ଲୋକମାନେ, ଯେଉଁମାନେ ଆମ ସହିତ ସାକ୍ଷାତ କରିବାପାଇଁ ଚେଷ୍ଟା କରିଥାନ୍ତି , ଆମେ ନିଶ୍ଚିତରୂପେ ସେମାନଙ୍କୁ ଆମର ରାସ୍ତା ଦେଖାଇଥାଉଁ । ଅତେବ ରମଜାନର ଏହି ମାସ, ବିଶେଷଭାବରେ ଏପରି ଜିହାଦ୍(ପ୍ରୟାସ)ର ମାସ, ଯେଉଁଥିରେ ଆମେ ଭରପୂର ଚେଷ୍ଟା କରିବା ଉଚିତ୍ ଯେ ଆମେ ଖୁଦାତାଲାଙ୍କର ସେହି ଭକ୍ତମାନଙ୍କ ମଧ୍ୟରେ ସାମିଲ ହୋଇଯିବା ଯେଉଁମାନେ ଅଲ୍ଲାଃତାଲାଙ୍କ ଭକ୍ତଙ୍କ ମଧ୍ୟରେ ସାମିଲ ଅଛନ୍ତି । ସେମାନଙ୍କ ମଧ୍ୟରେ ସାମିଲ୍ ହୋଇଯିବା ଯେଉଁମାନେ ଅଲ୍ଲାଃତାଲାଙ୍କ ନିକଟତର ହୋଇଛନ୍ତି । ସେମାନଙ୍କ ମଧ୍ୟରେ ସାମିଲ୍ ହୋଇଯିବା ଯେଉଁମାନେ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶାନୁସାରେ ପରିଚାଳିତ ହେଉଛନ୍ତି । ସେମାନଙ୍କ ମଧ୍ୟରେ ସାମିଲ୍ ହୋଇଯିବା ଯେଉଁମାନଙ୍କୁ ଅଲ୍ଲାଃତାଲାଙ୍କ ସମସ୍ତ ବିଶେଷଗୁଣ ଉପରେ ପୂର୍ଣ୍ଣ ବିଶ୍ୱାସ ରହିଛି । ସେମାନଙ୍କ ମଧ୍ୟରେ ସାମିଲ୍ ହୋଇଯିବା ଯେଉଁମାନେ ଅଲ୍ଲାଃତାଲାଙ୍କର ବାସ୍ତବିକ ମାର୍ଗଦର୍ଶନ ଲାଭ କରିଛନ୍ତି । ସେମାନଙ୍କ ମଧ୍ୟରେ ସାମିଲ୍ ହୋଇଯିବା ଯେଉଁମାନଙ୍କ ଶଇତାନ ସବୁବେଳପାଇଁ ବନ୍ଧା ହୋଇଯାଇଛନ୍ତି । କିନ୍ତୁ ଯେମିତି କି ଅଲ୍ଲାଃତାଲା ଏହା ଭାଷିଛନ୍ତି ଯେ ଏଇଥିପାଇଁ ଆମକୁ ପ୍ରଥମେ ଜିହାଦ୍ (ପ୍ରୟାସ)କରିବାର ଆବଶ୍ୟକତା ରହିଛି । ନିଜର ଅବସ୍ଥାକୁ ଅଲ୍ଲାଃତାଲାଙ୍କ ଇଚ୍ଛା ମୁତାବକ ଅନୁକୂଳ କରିବାର ଆବଶ୍ୟକତା ରହିଛି । ଏ ବାବତରେ ହଜରତ୍ ମସିହ୍ ମଉଦ ଆ ସ ଭିନ୍ନ ଭିନ୍ନ ଅବସରରେ ଆମର ପଥପଦର୍ଶନ କରାଇଛନ୍ତି । ବିଭିନ୍ନ ପାର୍ଶ୍ୱରୁ ଆମର ମାର୍ଗଦର୍ଶନ କରିଛନ୍ତି । ଅତେବ ଗୋଟିଏ ସ୍ଥାନରେ ଆପଣ ଆ ସ କହିଛନ୍ତି "ଯେଉଁ ଲୋକ ଅତ୍ୟନ୍ତ ବେପରୁଆ ଭାବରେ ଅସାବଧାନତା ଓ ଅବହେଳା ଅବଲମ୍ବନ କରୁଅଛି ,ଏହା କିପରି ହୋଇପାରେ ଯେ ସେ ଖୁଦାତାଲାଙ୍କ ପୁରସ୍କାରର ଅଧିକାରୀ ହୋଇପାରେ , ଯେମିତି ଜଣେ ବ୍ୟକ୍ତି ସମସ୍ତ ବୁଦ୍ଧି ଓ ବିବେକ,ସମସ୍ତ ଜୋର୍ (ପ୍ରୟାସ)ଏବଂ ପୂର୍ଣ୍ଣ ନିଷ୍ଠାରେ ତାହାକୁ ଖୋଜିଥାଏ । ସେହିପରି ଆଉ ଏକ ସ୍ଥାନରେ ଅଲ୍ଲାଃତାଲା ଇଙ୍ଗିତ କରିଛନ୍ତି ଯେ ***ଓ୍ୱଲ୍ଲଜିନା ଜାହଦୁ ଫିନା ଲନହଦିୟନ୍ନହୁମ୍ ସୁବୁଲନା*** ଅର୍ଥାତ୍ ଯେଉଁମାନେ ଆମ ମାର୍ଗରେ ପ୍ରୟାସ କରିଥାନ୍ତି ଆମେ ସେମାନଙ୍କ ଆବଶ୍ୟକାନୁସାରେ ସେମାନଙ୍କ ମାର୍ଗଦର୍ଶନ କରିଥାଉଁ ।" *(ବରାହିନେ ଅହେମଦୀୟା ଭାଗ-୪ ରୁହାନୀ ଖଜାଇନ୍ ଖ-୧ ପୃ-୫୬୬-୫୬୭, ହାଶିୟା ନଂ-୧୧)*

ସୁତରାଂ ଏଠାରେ ସ୍ପଷ୍ଟ ଭାବରେ କହିଦେଲେ ଯେ ବେପରୁଆ ଓ ଅବହେଳା ପ୍ରଦର୍ଶନ କରୁଥିବା ଲୋକମାନଙ୍କ ପାଇଁ ଏହା ସମ୍ଭବ ନୁହେଁ ଯେ ଖୁଦାତାଲା ତାକୁ ବି ସେହି ଲୋକମାନଙ୍କ ମଧ୍ୟରେ ସାମିଲ କରିବ ଯେଉଁମାନେ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟକୁ ଖଟାଇ ଖୁଦାତାଲାଙ୍କ ସାନ୍ନିଧ୍ୟ ପାଇବାପାଇଁ ଚେଷ୍ଟା କରିଥାନ୍ତି । ସେମାନେ ଏକ ଜିହାଦ (ପ୍ରଚେଷ୍ଟା ଓ ଅହରହ ପ୍ରୟାସ)କରିଥାନ୍ତି ।

ଲୋକମାନେ ମତେ ପଚାରିଥାନ୍ତି, ମୋ ପାଖକୁ ଚିଠି ଲେଖିଥାନ୍ତି ଯେ ଆମେମାନେ ବହୁତ ଦୁଆ କଲୁଁ କିନ୍ତୁ ଆମେ ଆମ ଉଦ୍ଦେଶ୍ୟରେ ସଫଳ ହୋଇପାରିଲୁ ନାହିଁ । ଯେଉଁମାନେ ଏମିତି କଥା କହୁଛନ୍ତି ,ସେମାନେ ଭୁଲ କହୁଛନ୍ତି । ଅଲ୍ଲାଃତାଲା କେବେ ବି ଭୁଲ ନୁହଁନ୍ତି । ଯାହାକୁ ମଣିଷ ନିଜଆଡୁ ବହୁତ ଦୁଆ କରିଛି ବୋଲି ଭାବୁଅଛି ,ହୋଇପାରେ ସେଥିରେ ଅଲ୍ଲାଃତାଲାଙ୍କ ନିକଟରେ କିଛି ଅଭାବ ରହିଥାଇପାରେ ବା ସେଥିରେ କୌଣସି ଅବହେଳା ରହିପାରିଥାଏ । ଏବେ ତାକୁ ଆହୁରି ଜିହାଦ୍ (ପ୍ରୟାସ)କରିବାର ଆବଶ୍ୟକତା ପଡିବ । ତେଣୁ ନିଜ ଦୁଆକରିବାର ଶୈଳୀକୁ ବି ଦେଖିବା ଉଚିତ । ହଜରତ୍ ମସିହ୍ ମଉଦ ଆ ସ ଏହା କହୁଛନ୍ତି ଯେ ଯେଉଁ ବ୍ୟକ୍ତି ସମସ୍ତ ବୁଦ୍ଧି ଓ ବିବେକ,ସମସ୍ତ ଜୋର୍ (ପ୍ରୟାସ)ଏବଂ ପୂର୍ଣ୍ଣ ନିଷ୍ଠାରେ ତାହାକୁ ଖୋଜିଥାଏ , ଅଲ୍ଲାଃତାଲା କହିଛନ୍ତି ଯେ ଆମ୍ଭେ ତାକୁ ନିଶ୍ଚିତରୁପେ ନିଜର ମାର୍ଗ ଦେଖାଇଥାଉଁ । ସୁତରାଂ ଆମକୁ ଏହା ଦେଖିବାକୁ ହେବ ଯେ ଆମେ ଆମର ବୁଦ୍ଧି ଓ ବିବେକ ତଥା ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟ ମୁତାବକ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶାନୁସାରେ ପରିଚାଳିତ ହୋଇଅଛେ । **ଫଲୟସ୍ତଜିବୁଲି** ଅର୍ଥାତ ସେମାନେ ମୋ କଥାକୁ ମାନୁଛନ୍ତି , ସେମାନେ ଅଲ୍ଲାଃତାଲାଙ୍କ ଆଦେଶାବଳୀଗୁଡିକ ଉପରେ ସଂମ୍ପୂର୍ଣ୍ଣରୂପେ ପରିଚାଳିତ ହେବାପାଂଇ ଚେଷ୍ଟା କରିଚାଲିଛନ୍ତି । ସମସ୍ତ ପ୍ରଚେଷ୍ଟା ଏଥିରେ ଲଗାଇଦେଇଛନ୍ତି ଯେ ଅଲ୍ଲାଃତାଲାଙ୍କ ଆଦେଶାବଳୀଗୁଡିକ ଉପରେ ସଂମ୍ପୂର୍ଣ୍ଣରୂପେ ପରିଚାଳିତ ହେବା ବିଧେୟ । ସମ୍ପୂର୍ଣ୍ଣ ନିଷ୍ଠା ଓ ସମ୍ପୂର୍ଣ୍ଣ ଭକ୍ତି ଦେଖାଇ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶାବଳୀଗୁଡିକ ଉପରେ ପରିଚାଳିତ ହେଉଛନ୍ତି । ଯଦି ଏପରି କରୁନାହାନ୍ତି ତାହେଲେ ଆମକୁ ଏ ଅଭିଯୋଗ କରିବା ଠିକ୍ ନୁହେଁ ଯେ ଅଲ୍ଲାଃତାଲା ଆମ ପ୍ରାର୍ଥନାକୁ ଶୁଣିଲେ ନାହିଁ । ସୁତରାଂ ଦୁଆ ଗ୍ରହଣୀୟ ହେବାପାଇଁ ବି ପ୍ରଥମେ ନିଜର ଅବସ୍ଥାକୁ ବଦଳାଇ ଖୁଦାତାଲାଙ୍କ ଆଡକୁ ପାଦବଢାଇବା ଜରୁରୀ ଅଟେ,ଜିହାଦ୍ କରିବା ଜରୁରୀ ଅଟେ ।

ମଣିଷ କ'ଣ ବା ପ୍ରଚେଷ୍ଟା କରିପାରେ । ଅଲ୍ଲାଃତାଲା ତା ଭକ୍ତଙ୍କ ପାଇଁ ଏତେ ଦୟାଳୁ ଯେ ତାହାର ଟିକିଏମାତ୍ର ପ୍ରଚେଷ୍ଟାକୁ ସେ ତାର ଜିହାଦ(ପ୍ରୟାସ)ଭାବି ତା ଉପରେ ଆଶୀର୍ବାଦ କରିଥାଏ । ଅଲ୍ଲାଃଙ୍କ କରୁଣା ଯାହା ପ୍ରତ୍ୟେକ ଜିନିଷ ଉପରେ ପ୍ରାଧାନ୍ୟତା ରଖିଥାଏ ,ତେବେ ପୁଣି ମଣିଷର ଜିହାଦ ବି ସହଜ ହୋଇଯାଇଥାଏ । ସେ ତାହାକୁ ବି ସହଜ କରିଦେଇଥାଏ । ସୁତରାଂ ଆଁ ହଜରତ୍ ସ ଆ ସ କହଛନ୍ତି ଯେ ଅଲ୍ଲାଃତାଲା କୁହନ୍ତି ଯେ ଯେବେ ଭକ୍ତ ମୋ ଆଡକୁ ଗୋଟିଏ ପାଦ ଆସେ ତାହେଲେ ମୁଁ ଦୁଇପାଦ ଆସିଥାଏ । ତା ଆଡକୁ ବଢିଥାଏ । ଯେବେ ସେ ମୋ ଆଡକୁ ଚାଲିକି ଆସେ , ମୁଁ ତାଆଡକୁ ଦଉଡିକି ଆସିଥାଏ । ***(ସହି ମୁସଲିମ୍, କିତାବୁଲ୍ ଜିକ୍ର .....ହଦିସ୍ ନଂ-୬୮୩୩)......***

ଅତଏବ ଅଲ୍ଲାଃ ତାଲା ତ ଆମ ଉପରେ ଏତେ ମାତ୍ରାରେ କରୁଣା କରିଛନ୍ତି କିନ୍ତୁ କଥା ରହିଛି ଏଠାରେ ଯେ ଆମର କିପ୍ରକାର ନିଷ୍ଠା ଓ ଭକ୍ତି ତା ସହିତ ରହିଛି । ଏପରି ନ ହେଉ ଯେ, ଆମେ ରମ୍‌ଜାନ ମାସରେ ତ ଏ ଦାବି କରୁଅଛେ ଯେ, ଆମେ ନମାଜ ପଢ଼ିବୁ ଅଲ୍ଲାଃ ତାଲାଙ୍କ ନିର୍ଦ୍ଦେଶ ମୁତାବକ ପରିଚାଳିତ ହେବୁ ଅଲ୍ଲାଃ ତାଲାଙ୍କର ଯେଉଁ ହକ୍ ଅଛି ତାହାକୁ ପ୍ରଦାନ କରିବୁ, ସେହିପରି ପ୍ରାଣୀଜଗତ ପ୍ରତି ଯେଉଁ ହକ୍ ରହିଛି ତାକୁ ମଧ୍ୟ ପ୍ରଦାନ କରିବୁ ଏବଂ ଆମେମାନେ ରମ୍‌ଜାନ ମାସରେ ଏହା ସବୁ କରିଥାଉଁ କିନ୍ତୁ ରମ୍‌ଜାନ ମାସ ବିତିଯିବା ପରେ ଆମେ ଅଲ୍ଲାଃ ତାଲାଙ୍କୁ ଓ ତାହାଙ୍କ ଆଦେଶାବଳୀକୁ ଭୁଲିଯିବା । ଆମ ଉପରେ ସାଂସାରିକତା ପ୍ରାଧାନ୍ୟ ବିସ୍ତାର କରିଯିବ । ତା'ହେଲେ ପୁଣି ଈଶ୍ୱରଙ୍କ ଉପରେ ଏ ଅଭିଯୋଗ କରିବା ନାହିଁ ଯେ, ଈଶ୍ୱର ତ ଏହା କହୁଛନ୍ତି କି, ମୁଁ ତା ଡ଼ାକିବା ବାଲାର ଡ଼ାକ ଶୁଣିଥାଏ ଯେବେ କି ମୁଁ ତ ରମ୍‌ଜାନ ମାସରେ ଅଲ୍ଲାଃ ତାଲାଙ୍କୁ ବହୁତ ଡ଼ାକିଛି କିନ୍ତୁ ମୋ ପ୍ରାର୍ଥନାଗୁଡ଼ିକ ଶୁଣାଗଲା ନାହିଁ ।

ସର୍ବଦା ଏ କଥା ମନେ ରଖିବା ଉଚିତ ଯେ, ଅଲ୍ଲାଃ ତାଲାଙ୍କ ସମ୍ମୁଖରୁ କୌଣସି ବସ୍ତୁ ଲୁକ୍କାୟିତ ନାହିଁ ସେ ଏକଥା ମଧ୍ୟ ଜାଣିଛନ୍ତି ଯେ, ମଣିଷ ନିଜର ପ୍ରତିଶୃତିକୁ ପୂରଣ କରିବା ପାଇଁ ପୂର୍ବରୁ ମଧ୍ୟ ବଚନ ଦେଇଥିଲା ଓ ତାକୁ ଭାଙ୍ଗି ମଧ୍ୟ ଦେଇଛି ଓ ଏବେ ସେ କେବଳ ରମ୍‌ଜାନ ମାସରେ ହିଁ ପୂଣ୍ୟ କର୍ମ କରିବା ପ୍ରତି ଧ୍ୟାନ ଆକର୍ଷଣ କରୁଅଛି । ଏହିପରି ଲୋକମାନଙ୍କ ସହିତ ଯେମିତି ଇଚ୍ଛା ସେମିତି ବ୍ୟବହାର କରିଥାନ୍ତି କିନ୍ତୁ ବେଳେ ବେଳେ ଏହିପରି ଲୋକମାନଙ୍କର କିଛି ପ୍ରାର୍ଥନାକୁ ମଧ୍ୟ ଅଲ୍ଲାଃ ତାଲା ଗ୍ରହଣ କରିନେଇଥାଏ ଯଦ୍ୱାରା ସେମାନଙ୍କୁ ଏ କଥା ଜଣାଯାଉ ଯେ, ଅଲ୍ଲାଃ ତାଲା ପ୍ରାର୍ଥନାକୁ ଶୁଣିଥାନ୍ତି ତେଣୁ ସେମାନଙ୍କୁ ଅଲ୍ଲାଃ ତାଲାଙ୍କ ପ୍ରତି ସର୍ବଦା ନତମସ୍ତକ ହୋଇ ରହିବା ଉଚିତ । ଅଲ୍ଲାଃ ତାଲା ତ ଭକ୍ତଙ୍କ ଉପରେ ଜୁଲମ୍ କରନ୍ତି ନାହିଁ ସେ ତ ତାକୁ ସବୁବେଳେ ନିଜ ପ୍ରେମର କୋଳରେ ଧରି ରଖିବା ପାଇଁ ଚେଷ୍ଟା କରିଥାଏ ତା ଭକ୍ତ ତା ଆଡ଼କୁ ଯଦି ଆନ୍ତରିକତାର ସହିତ ଆସେ ଓ ତାହାର କଥାକୁ ଶୁଣେ ସେଥିରେ ଅଲ୍ଲାଃ ତାଲାଙ୍କୁ ବହୁତ ଖୁସି ଲାଗିଥାଏ ଯେମିତି ଜଣେ ମାଆକୁ ତା ହଜି ଯାଇଥିବା ପିଲା ମିଳିଯିବାରେ ଆନନ୍ଦ ଅନୁଭବ ହୋଇଥାଏ ବା ଯେଉଁଭଳି ଜଣେ ପଥିକକୁ ମରୁଭୂମିରେ ନିଜର ହଜିଯାଇଥିବା ଓଟଟି, ଯାହା ଉପରେ ତା'ର ସବୁକିଛି ଜିନିଷପତ୍ର ଥିଲା, ମିଳିଯିବାରେ ଯେଉଁ ଖୁସି ମିଳିଥାଏ । ଅତଃ ଏହିସୁବ ଉଦାହରଣ ଗୁଡ଼ିକ ଆଁ ହଜରତ ସ:ଆ:ସ ଆମକୁ ଦେଇ କହିଛନ୍ତି ଯେ, ଅଲ୍ଲାଃ ତାଲାଙ୍କୁ ଏହିଭଳି ଆନନ୍ଦ ଅନୁଭବ ହୋଇଥାଏ ।

## ୧୨୭ ତମ ଜଲସା ସାଲାନା କାଦିଆନ୍

୧୨୭ ତମ ଜଲସା ସାଲାନା କାଦିଆନ୍ ନିମନ୍ତେ ସୟଦନା ହଜରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୨୦୨୨ ମସିହା ଡ଼ିସେମ୍ବର ମାସର ୨୩, ୨୪ ଏବଂ ୨୫ ତାରିଖ (ଶୁକ୍ର, ଶନି ଏବଂ ରବିବାର)କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍ର ସଦସ୍ୟମାନେ ଏବେଠାରୁ ପ୍ରାର୍ଥନା କରି ଏହି ମୁବାରକ ଜଲସାରେ ସାମିଲ ହେବା ଉଦ୍ଦେଶ୍ୟରେ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହି ଈଶ୍ୱରୀୟ ଜଲ୍‌ସାରୁ ଉପକୃତ ହୋବର ସୌଭାଗ୍ୟ ପ୍ରଦାନ କରନ୍ତୁ । ପ୍ରତି କ୍ଷେତ୍ରରୁ ଏହି ଜଲ୍‌ସା ସାଲାନ ସଫଳ ଓ ବାବର୍‌କତ୍ ହେବା ପାଇଁ ତଥା ଶୁଦ୍ଧ ଆତ୍ମାଗୁଡ଼ିକୁ ମାର୍ଗଦର୍ଶନ ମିଳିବା ପାଇଁ ଦୁଆ (ପ୍ରାର୍ଥନା) ଜାରି ରଖନ୍ତୁ । ଜଯାକୁମୁଲ୍ଲାଃ । ***(ନାଜିର୍ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)***

*(ସହି ବୁଖାରୀ କିତାବୁଲ୍ ଅଦବ୍...... ହଦିସ୍ ନଂ-୫୯୯୯, କିତାବୁଲ୍ ଦାୱାତ୍..... ହଦିସ୍ ନଂ-୬୩୦୯)*

ସୁତରାଂ ଆମେମାନେ ହିଁ ଈଶ୍ୱରଙ୍କ ପ୍ରତି ଥିବା କର୍ତବ୍ୟକୁ ପାଳନ କରିବାରେ ଅବହେଳା କରିଥାଉଁ ଓ ପୁଣି ଏ ଅଭିଯୋଗ ମଧ୍ୟ କରିଥାଉ ଯେ, ଈଶ୍ୱର ଆମ ପ୍ରାର୍ଥନାଗୁଡ଼ିକୁ ଶୁଣିଲେ ନାହିଁ । ତେଣୁ ଏହି ଦୃଷ୍ଟିକୋଣରୁ ଆମେ ନିଜ ନିଜର ସମୀକ୍ଷା କରିବା ଉଚିତ । ଆମେ ଏ ଶପଥ କରିବା ଉଚିତ ଯେ, ଆମେ ଏହି ରମ୍‌ଜାନ ମାସକୁ ଈଶ୍ୱରଙ୍କୁ ପାଇବା ପାଇଁ ଏକ ମାଧମ ବନାଇବା ଓ ଈଶ୍ୱରଙ୍କ ଆଦେଶାବଳୀଗୁଡ଼ିକ ଉପରେ ପରିଚାଳିତ ହେବା ପାଇଁ ଭରପୂର ଚେଷ୍ଟା କରିବା ।

ଯେ କୌଣସି ପରିସ୍ଥିତି ଥାଉ ନା କାହିଁକି, ଯେତେ ଅଧିକ ସମୟ ମଧ୍ୟ ଆମକୁ ଏଥିପାଇଁ ପ୍ରଚେଷ୍ଟା କରିବାକୁ ପଡୁ ନା କାହିଁକି ଆମେ ଅଲ୍ଲାଃ ତାଲାଙ୍କ ସାନିଧ ଓ ତାହାଙ୍କ ପ୍ରେମ ହାସଲ କରିବା ପାଇଁ ଏହିପରି ଜିହାଦ୍ (ପ୍ରଚେଷ୍ଟା) କରିଚାଲିବା । ଆମ ଇମାନ୍‌କୁ ସୁଦୃଢ଼ କରିବାପାଇଁ ଚେଷ୍ଟା କରି ଚାଲିବା । ଯଦି ଏହିଭଳି ଅବସ୍ଥା ଆମେ ଆମ ଉପରେ ଲାଗୁ କରିବା ତା'ହେଲେ ଦୁଆ ଗ୍ରହଣୀୟ ହେବାର ଚମତ୍କାରକୁ ମଧ ଦେଖିପାରିବା । ଏହା କେବଳ କୌଣସି କଥା ହିଁ ନୁହେଁ ବରଂ ଏପରି ସ୍ଥାନକୁ ଲୋକମାନେ ପ୍ରାପ୍ତ ମଧ କରିଥିଲେ ଓ ଏବେ ମଧ କରିଚାଲୁଛନ୍ତି । ସୁତରାଂ ହଜରତ ମସିହ ମଉଦ ଆ:ସ କହିଛନ୍ତି "ଏହି ଆୟତକୁ ଅବତୀର୍ଣ୍ଣ ହେବାରେ ୧୩୦୦ ବର୍ଷ ବିତିଗଲାଣି କିନ୍ତୁ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯିଏ ଏହି ଅବଧି ମଧରେ ଏହି ଆୟତର ବିଷୟବସ୍ତୁକୁ ଆଖି ଆଗରେ ରଖି ପ୍ରଚେଷ୍ଟା କରିଅଛି ସେ ଏହାର ପ୍ରତିଶୃତିରୁ ଭାଗ ନେଇ ଚାଲିଛି ଓ ଏବେ ମଧ ନେଉ ଅଛି ଓ ଆସନ୍ତାକୁ ମଧ ନେଇ ଚାଲିବ" *(ଅଲ୍‌ହକ୍ ମୁବାହିସା ଦେହ୍‌ଲି, ରୁହାନୀ ଖଜାଇନ୍ ଖଣ୍ଡ-୪, ପୃ-୧୯୨)*

ତେଣୁ ଆମକୁ ଚେଷ୍ଟା କରିବା ଉଚିତ ଯେ, ଆମେ ଅଲ୍ଲାଃ ତାଲାଙ୍କର ଏହି କରୁଣା ରୂପକ ପୁରସ୍କାରରୁ ଭାଗ ପାଇ ପାରିବା ଓ ଅଲ୍ଲାଃ ତାଲାଙ୍କ ସାନିଧ ପ୍ରାପ୍ତ କରିବାପାଇଁ ଯେଉଁ ଜିହାଦ୍ ରହିଛି, ଅଲ୍ଲାଃ ତାଲାଙ୍କ ଆଦେଶାବଳୀଗୁଡ଼ିକ ଉପରେ ପରିଚାଳିତ ହେବା ପାଇଁ ଯେଉଁ ଜିହାଦ୍ ରହିଛି, ପବିତ୍ର କୁର୍‌ଆନ୍‌ର ୭୦୦ରୁ ଅଧିକା ନିର୍ଦ୍ଦେଶାବଳୀଗୁଡ଼ିକ ଉପରେ ପରିଚାଳିତ ହେବା ପାଇଁ ଯେଉଁ ଜିହାଦ୍ ରହିଛି, ବିଶ୍ୱାସକୁ ସମ୍ପୁର୍ଣ୍ଣ କରିବାପାଇଁ ଯେଉଁ ଜିହାଦ୍ ରହିଛି ଏବଂ ଅଲ୍ଲାଃ ତାଲାଙ୍କ ବିଶେଷ ଗୁଣାବଳୀକୁ ଆପଣାଇବା ପାଇଁ ଯେଉଁ ଜିହାଦ୍ ରହିଛି ଆମେ ତାକୁ କେବେବି କମ୍ ହେବାକୁ ଦେବା ନାହିଁ ଆମ ପାଦ ଆଗକୁ ବଢୁ ଓ ଏହି ରମ୍‌ଜାନ ଆମ ଏହି ଜିହାଦ୍‌ର ମାଇଲ ଖୁଂଟ ସାବ୍ୟସ୍ତ ହେଉ ।

ଏହି ବିଷୟବସ୍ତୁ ପ୍ରସଙ୍ଗରେ ହଜରତ ମସିହ ମଉଦ ଆ:ସଙ୍କ କିଛି ଆଲେଖ୍ୟ ମୁଁ ଏଠାରେ ଉପସ୍ଥାପନ କରୁଅଛି । ଏହା ହେଉଛି ଏପରି ବିଷୟ ଯାହାକୁ ବାରମ୍ବାର ଶୁଣି ତାକୁ ବୁଝିବାର ଆବଶ୍ୟକତା ରହିଛି । ଯଦି ଏହା ଆମ ଜୀବନର ବିଶେଷ ଅଙ୍ଗ ହୋଇଯାଏ ତା'ହେଲେ ଆମେ ଏ ପୃଥିବୀରେ ଗୋଟିଏ ପରିବର୍ତ୍ତନ ସୃଷ୍ଟି କରିପାରିବା ।

ହଜରତ ମସିହ ମଉଦ ଆ:ସ କହୁଛନ୍ତି ଯେ "ଯେଉଁଭଳି ଆମ ସାଂସାରିକ ଜୀବନରେ ସ୍ପଷ୍ଟ ଭାବରେ ଏହା ଦୃଷ୍ଟିଗୋଚର ହୋଇଥାଏ ଯେ, ଆମର ପ୍ରତ୍ୟେକ କର୍ମର କିଛି ନା କିଛି ନିଶ୍ଚିତ ଫଳ ମିଳିଥାଏ ଏବଂ ସେହି ଫଳ ହିଁ ଈଶ୍ୱରଙ୍କର କାର୍ଯ୍ୟ ଅଟେ । ଠିକ୍ ସେହିପରି ଧର୍ମ ସଂକ୍ରାନ୍ତରେ ଏହି ନିୟମ ରହିଛି ଯେ, ***ୱଲ୍ଲଜିନା ଜାହଦୁ ଫିନା ଲନହଦିୟନ୍ନହୁମ୍ ସୁବୁଲନା*** (ଅନ୍‌କବୁତ୍:୭୦) **ଫଲମ୍ମା ଯାଗୁ ଅଜାଗଲ୍ଲାହୁ କୁଲୁବହୁମ୍** (ସଫ୍:୬) ଅର୍ଥାତ ଯେଉଁ ଲୋକମାନେ ଅଲ୍ଲାଃ ତାଲାଙ୍କୁ ପାଇବା ପାଇଁ ଭରପୂର ଚେଷ୍ଟା କରିଛନ୍ତି ସେହି ଲୋକମାନଙ୍କ ପାଇଁ ତାଙ୍କର ସେହି କର୍ମ ନିମନ୍ତେ ନିଶ୍ଚିତ ରୂପେ ଆମର ଏହି କାର୍ଯ୍ୟ ହେବ ଯେ, ଆମେ ସେମାନଙ୍କୁ ନିଜ ମାର୍ଗ ଦର୍ଶନ କରାଇବୁ । ଯେଉଁ ଲୋକମାନେ ଅମାନ୍ୟକାରୀ ହେଲେ ଓ ସଳଖ ଭାବରେ ଚାଲିବାକୁ ଚାହିଁଲେ ନାହିଁ । ସେମାନଙ୍କ ପାଇଁ ଆମର କାର୍ଯ୍ୟ ଏହା ହେବ ଯେ, ଆମେ ସେମାନଙ୍କ ହୃଦୟକୁ ତେଢ଼ା କରିଦେବୁ ।" *(ଇସ୍‌ଲାମି ଉସୁଲ୍ କି, ଫିଲାସଫି, ରୁହାନୀ ଖଜାଇନ୍ ଖଣ୍ଡ-୧୦, ପୃ-୩୮୯)*

ଅତଏବ ଏ କଥାକୁ ଆଉ ଏକ ପାର୍ଶ୍ୱରୁ ହଜରତ ମସିହ ମଉଦ ଆ:ସ ଏପରି ବର୍ଣ୍ଣନା କରିଛନ୍ତି ଯେ, ଅଲ୍ଲାଃ ତାଲା କୁହନ୍ତି : ଯଦି ଆମ ମାର୍ଗକୁ ପ୍ରାପ୍ତ କରିବା ପାଇଁ ତୁମେ ଜିହାଦ୍ କରି ଆମର କୃପା ଲଘୁ ଅଛ ତା ହେଲେ ଏ କଥାକୁ ମଧ ମନେ ରଖଯେ, ତାହାର ନକାରାତ୍ମକ ପାର୍ଶ୍ୱ ମଧ୍ୟ ରହିଛି ଅର୍ଥାତ ଯଦି ତୁମେ ମୋ ରାସ୍ତାରେ ନ ଚାଲିବ ତାହେଲେ ତୁମର ହୃଦୟ ତାହେଲେ ତୁମର ହୃଦୟ ତେଢ଼ା ହୋଇଯିବ । ପ୍ରାର୍ଥନାଗୁଡ଼ିକ ଗ୍ରହଣୀୟ ହେବା ତ ଦୂରର କଥା 'ଅଲ୍ଲାଃ ତାଲାଙ୍କ ରାସ୍ତାରେ ନ ଚାଲିବା ଯୋଗୁଁ ତୁମେମାନେ ଶଇତାନ୍‌ର କୋଳର ଯାଇ ପଡ଼ିବ । ସଇତାନର କୋଳରେ ପଡ଼ି ରହିଥିବା ମଣିଷ ପୁଣି ନିଜର ଇହକାଳ ଓ ପରକାଳ ଦୁଇଟି ଯାକ ଖରାପ କରିଦେଇଥାଏ । ଅତଏବ ଏହି ଆଦେଶରେ ଯେଉଁଠି ସୁସମାଚାର ରହିଛି ସେଠାରେ ସତର୍କ ସୁଚକ ବାଣୀ ମଧ ଦିଆଯାଇଛି ।

ପୁଣି ଆଉ ଏକ ସ୍ଥାନରେ ହଜରତ ମସିହ ମଉଦ ଆ:ସ ସ୍ପଷ୍ଟିକରଣ ଦେଇ କହିଛନ୍ତି ଯେ, "ମଣିଷର ହୃଦୟରେ ଅନେକ ପ୍ରକାରର ପରିସ୍ଥିତି ସୃଷ୍ଟି ହୋଇଥାଏ ପରିଶେଷରେ ଖୁଦାତାଲା ପୂଣ୍ୟାତ୍ମାମାନଙ୍କର ଦୋଷଦୃବଳତାକୁ ଦୂର କରିଦିଅନ୍ତି । ପବିତ୍ରତା ଓ ପୂଣ୍ୟର ଶକ୍ତି ସେମାନଙ୍କୁ ଉପହାର ସଦୃଶ ପ୍ରଦାନ କରିଥାନ୍ତି । ପୁଣି ତାହାଙ୍କ ଆଖି ଆଗରେ ସେହି ସମସ୍ତ କଥାଗୁଡ଼ିକ ବ୍ୟର୍ଥ ହୋଇଯାଇଥାଏ ଯେଉଁ କଥାଗୁଡ଼ିକ ଅଲ୍ଲାଃ ତାଲାଙ୍କ ଦୃଷ୍ଟିରେ ବ୍ୟର୍ଥ ଅଟନ୍ତି ଏବଂ ସେହି ସମସ୍ତ ମାର୍ଗ ସୁଗମ ହୋଇଯାଇଥାଏ ଯାହା ଖୁଦାତାଲାଙ୍କୁ ପ୍ରିୟ ହୋଇଥାଏ । ତା'ପରେ ତାକୁ ଏପରି ଏକ ଶକ୍ତି ମିଳିଥାଏ ଯାହାକୁ ପ୍ରାପ୍ତ କରିବା ପରେ କୌଣସି ଦୁର୍ବଳତା ପରିଲକ୍ଷିତ ହୁଏ ନାହିଁ ବରଂ ଏକ ପ୍ରକାରର ଉତ୍ସାହ ତା ଭିତରେ ସୃଷ୍ଟି ହୋଇଥାଏ ଯାହା ଫଳରେ କୌଣସି ପ୍ରକାର ଅବହେଳା ଦେଖାଯାଇନଥାଏ ଓ ତାକୁ ଏପରି ଧର୍ମପରାୟଣତା ଦିଆଯାଇଥାଏ ଯେ, ଯାହାକୁ ପାଇବା ପରେ ମଣିଷ କୌଣସି ପାପ କରିନଥାଏ ଓ ଦୟାମୟ ଈଶ୍ୱର ତା ଉପରେ ଏପରି ପ୍ରସନ୍ନ ହୋଇଯାଇଥାଏ ଯେ, ତା'ପରେ ସେ କୌଣସି ଭୂଲ କରିନଥାଏ କିନ୍ତୁ ଏହି ପୁରସ୍କାର ବହୁତ ବିଳମ୍ବରେ ପ୍ରାପ୍ତ ହୋଇଥାଏ ପ୍ରଥମେ ପ୍ରଥମେ ମଣିଷ ନିଜର ଦୃବର୍ଳତା ଯୋଗୁଁ ବହୁତ ଧକ୍କା ଖାଇଥାଏ ଓ ନିଜକୁ ତଳକୁ ଖସାଇଦିଏ କିନ୍ତୁ (ଈଶ୍ୱର) ପରିଶେଷରେ ତାକୁ ସତ୍ୟବାଦୀ ବୋଲି ଜାଣି ସମ୍ପୁର୍ଣ୍ଣ ଶକ୍ତିର ସହିତ ଟାଣି ଆଣିଥାଏ ।" ଅର୍ଥାତ ଅଲ୍ଲାଃ ତାଲାଙ୍କ ଶକ୍ତି ତାକୁ ନିଜ ଆଡ଼କୁ ଟାଣି ନେଇଆସେ । "ଏଥିପ୍ରତି ଇସାରା କରି ପରମପ୍ରତାପି ଅଲ୍ଲାଃ କୁହନ୍ତି **ଅଲ୍‌ଲଜିନା ଯାହଦୁ ଫିନା ଲନ୍‌ହଦିୟନ୍‌ହୁମ୍ ସୁବ୍‌ଲନା**" ଆରବୀରେ ହଜରତ ମସିହ ମଉଦ ଆ:ସ କୁହନ୍ତି ଯେ, "**ନୁସବ୍ବିତୁହୁମ୍ ଅଲତ୍‌କଓ୍ୱା ୱଲ୍‌ଇମାନି ୱନହଦିୟନ୍‌ହୁମ୍ ସୁବଲୁଲ୍ ମୁହ୍‌ବ୍ୱତି ୱଲ୍‌ଇରଫାନି - ୱସ୍‌ନୁୟସ୍‌ସିରୁହୁମ୍ ଲି ଫିଲିଲ୍ ଖୈରାତି ୱ ତର୍‌କିଲ୍ ଇସ୍‌ୟାନି**" *(ତଫସିର୍ ହଜରତ ମସିହ ମଉଦ ଆ:ସ, ଖଣ୍ଡ-୩, ପୃ-୬୨୬)* ଅର୍ଥାତ ଆମେ ତାହାକୁ ଧର୍ମପରାୟଣତା ଓ ବିଶ୍ୱାସ ଉପରେ ଦୃଢ଼ତାର ସହିତ ପ୍ରତିଷ୍ଠିତ କରିଦେବୁ ଓ ନିଶ୍ଚିତ ରୂପେ ଆମେ ସେମାନଙ୍କୁ ପ୍ରେମ ଓ ଈଶ୍ୱର ପ୍ରାପ୍ତି କରିବା ଜ୍ଞାନର ମାର୍ଗରେ ପଥପର୍ଦଶକ ହେବୁ ଏବଂ ସେମାନଙ୍କୁ ପୂଣ୍ୟ କର୍ମ କରିବା ପାଇଁ ତଥା ତାପକୁ ପରିତ୍ୟାଗ କରିବାପାଇଁ ଶକ୍ତି ପ୍ରଦାନ କରିଚାଲିବୁ ।

ଯେମିତି କି ମୁଁ କହିଥିଲି ଯେ ହଜରତ ମସିହ ମଉଦ ଆ:ସ **ଅଲ୍‌ଲଜିନା ଯାହଦୁ ଫିନା ଲନ୍‌ହଦିୟନ୍‌ହୁମ୍ ସୁବ୍‌ଲନା** ପ୍ରସଙ୍ଗରେ ଆମକୁ ବିଭିନ୍ନ ଉଦାହରଣ ଦେଇ ଉପଦେଶ ଦେଇଛନ୍ତି ଓ ଆମମାନଙ୍କ ପାଇଁ ଜ୍ଞାନର ଦ୍ୱାରକୁ ଖୋଲି ଦେଇଛନ୍ତି । ଏ ପ୍ରସଙ୍ଗରେ ସେ ମଣିଷ ପ୍ରକୃତିର ନକ୍‌ସାକୁ ଟାଣି ତାହାର ବିବରଣୀ ବର୍ଣ୍ଣନା କରିଛନ୍ତି ଯେ, ମଣିଷ ଗୋଟିଏ ଅବସ୍ଥାରେ ସବୁବେଳ ପାଇଁ ସ୍ଥାୟୀ ହୋଇ ରହିପାରେ ନାହିଁ । ତା ଜୀବନରେ ଉନ୍ନତି ଓ ଅବନତୀର ଧାରା ପ୍ରବାହ ରହିଥାଏ କିନ୍ତୁ ଯେଉଁମାନେ ହେଉଛନ୍ତି ପୂଣ୍ୟ ପ୍ରକୃତିର ସେମାନେ ନିଜ ଦୁର୍ବଳତାକୁ ଦେଖି ସେଥିରୁ ଶିକ୍ଷା ହାସଲ କରିଥାନ୍ତି, ତୌବାଃ ୱ ଇସ୍ତରିଫାର୍ କରିଥାନ୍ତି, ଅଲ୍ଲାଃ ତାଲାଙ୍କ ଆଗରେ ନତମସ୍ତକ ହୋଇଥାନ୍ତି ଏବଂ ନିଜ ଦୁର୍ବଳତା ଉପରେ ପଶ୍ଚ୍ୟାତାପ କରି ପୁଣି ସେ ଅଲ୍ଲାଃ ତାଲାଙ୍କୁ ଖୋଜିବାରେ ନିଜର ପ୍ରୟାସକୁ ଜାରି ରଖିଥାଏ । ଏହାକୁ ଦେଖି ଅଲ୍ଲାଃ ତାଲାଙ୍କ ପ୍ରେମ ଜୋଶ୍ ମାରିଥାଏ, ତାହାଙ୍କ କ୍ଷମାର ଜୋଶ୍ ଆଗକୁ ବଢ଼ିଥାଏ ଫଳତଃ ସେ ନିଜ ଭକ୍ତ ଆଡ଼କୁ ଦଉଡ଼ି ଚାଲି ଆସିଥାଏ ଓ ତା ଭକ୍ତକୁ ପବିତ୍ରତା ଓ ପୂଣ୍ୟର ଶକ୍ତି ପ୍ରଦାନ କରିଥାଏ । ଯେତେବେଳେ ମଣିଷ ମଧରେ ଈଶ୍ୱରଙ୍କ କୃପାରୁ ପବିତ୍ରତା ଓ ପୂଣ୍ୟର ଶକ୍ତି ସୃଷ୍ଟି

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

ହୋଇଯାଇଥାଏ ସେତେବେଳେ ତା'ର ପ୍ରତ୍ୟେକ କର୍ମ ଈଶ୍ୱରଙ୍କ ସାନିଧ ପ୍ରାପ୍ତ କରିବାପାଇଁ କରାଯାଇଥାଏ ।

ପ୍ରତ୍ୟେକ ପ୍ରକାରର ଦୁର୍ବଳତା ଓ ଅବହେଳାରୁ ସେ ପବିତ୍ର ହୋଇଯାଏ । ସେ ଧର୍ମ ପରାୟଣତାର ମାର୍ଗରେ ପରିଚାଳିତ ହୋଇଥାଏ ଫଳତଃ ତାକୁ ପ୍ରତ୍ୟେକ ପ୍ରକାରର ପାପରୁ ବଂଚାଇ ଦିଆଯାଏ । ସେ ଅଲ୍ଲାଃ ତାଲାଙ୍କର ସାନିଧ ପ୍ରାପ୍ତ କରୁଥିବା ଏପରି ଜଣେ ମଣିଷ ହୋଇଯାଏ ଯେ, ତା ଦ୍ୱାରା ଏମିତି କୌଣସି ଭୂଲ୍ ହୁଏନାହିଁ ଯାହା ଈଶ୍ୱରଙ୍କୁ ନାରାଜ କରୁଦେଉଥିବ । ହଜରତ ମସିହ ମଉଦ ଆ:ସ ପୁଣି କହିଲେ କିନ୍ତୁ ଏ କଥା ମନେରଖ ଯେ ଏଭଳି ସ୍ଥିତିକୁ ପ୍ରାପ୍ତ କରିବାପାଇଁ ହେଲେ ଅହରହ ପରିଶ୍ରମ କରିବାକୁ ପଡ଼ିଥାଏ । ଅସ୍ଥାୟୀ ପରିଶ୍ରମ ନୁହେଁ ବରଂ ଅନବରତ ପରିଶ୍ରମର ଆବଶ୍ୟକତା ରହିଛି ଏପରି ହେବା ଦ୍ୱାରା ପୁଣି ଏହି ପୂଣ୍ୟ ଏବଂ ଦୁଆ ଗ୍ରହଣୀୟ ହେବାର ଦୃଶ୍ୟ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ହୋଇଯାଏ ।

ପୁଣି ଆଉ ଏକ ସ୍ଥାନରେ ଆପଣ ଆ:ସ କହିଛନ୍ତି ଯେ, ଯିଏ ଆମ ମାର୍ଗରେ ପ୍ରଚେଷ୍ଟା କରିବ ଆମେ ତାକୁ ନିଜର ମାର୍ଗ ଦେଖାଇବୁ । ଏହା ତ ହେଉଛି ପ୍ରତିଶୃତି । ଏପଟେ ଈଶ୍ୱର ଆମକୁ ଏ ପ୍ରାର୍ଥନା ମଧ୍ୟ ଶିଖାଇ ଦେଇଛନ୍ତି ଯେ, **ଏହ୍‌ଦେନସ୍ ସିରାତଲ୍ ମୁସ୍ତକିମ୍** (ଅର୍ଥାତ ଆମକୁ ସିଧା ରାସ୍ତା ଦେଖାଅ) । ଅତଏବ ମଣିଷକୁ ଦରକାର ଯେ, ଏ କଥାକୁ ଆଖି ଆଗରେ ରଖି ସେ ନମାଜରେ ବ୍ୟାକୁଳ ହୋଇ ପ୍ରାର୍ଥନା କରୁ ଓ ଆଶା ରଖୁ ଯେ, ସେ ମଧ୍ୟ ସେହି ଲୋକମାନଙ୍କ ମଧ୍ୟରୁ ହୋଇଯାଉ ଯେଉଁ ଲୋକମାନେ ଉନ୍ନତି କରିଛନ୍ତି ଓ ଜ୍ଞାନ ପ୍ରାପ୍ତ କରିସାରିଛନ୍ତି । ଏପରି ନ ହେଉ ଯେ, ସେ ଏ ମର୍ତ୍ୟମଣ୍ଡଳରୁ କୌଣସି ଜ୍ଞାନ ପ୍ରାପ୍ତ ନ କରି ଅନ୍ଧ ଭାବରେ ଉଠାଇ ଦିଆଯାଉ । *(ମଲ୍‌ଫୁଜାତ ଖଣ୍ଡ-୧, ପୃ-୨୦ ଏଡ଼ିସନ୍ ୧୯୮୪)*

ଅତଏବ ଏହି ସ୍ଥାନକୁ ପ୍ରାପ୍ତ କରିବାପାଇଁ ହେଲେ ଯେଉଁଠି ଅଲ୍ଲାଃ ତାଲା ନିଜର ଭକ୍ତକୁ ନିଜ ମାର୍ଗ ପ୍ରତି ପଥପ୍ରଦର୍ଶନ କରିଥାଏ ସେଠାରେ ଏ ପ୍ରାର୍ଥନା ମଧ ଜରୁରୀ ଯେ, ମଣିଷ ସୁରାଃ ଫାତିହା ପଢ଼ିବା ସମୟରେ ବାରମ୍ବାର ଏହି ଆୟତକୁ ପଢ଼ିବା ଉଚିତ । ଅର୍ଥାତ **ଏହ୍‌ଦେନସ୍ ସିରାତଲ୍ ମୁସ୍ତକିମ୍ ।** କାଦିୟାନ୍‌ର କେହିଜଣେ ଗୋଟିଏ ଘଟଣା ବର୍ଣ୍ଣନା କରିଛନ୍ତି ଯେ, ଜଣେ ଧର୍ମପରାୟଣ ବ୍ୟକ୍ତିର ନମାଜ ପଢ଼ିବା ସମୟରେ କିପରି ଅବସ୍ଥା ହେଉଥିଲା । ବର୍ଣ୍ଣନାକାରୀ କୁହନ୍ତି ଯେ, ହଜରତ ମସିହ ମଉଦ ଆ:ସଙ୍କର ଜଣେ ସାହାବି ମସ୍‌ଜିଦ୍ ମୁବାରକର ଗୋଟିଏ କୋଣରେ ଛିଡ଼ା ହୋଇଥିଲେ, ନମାଜ ପାଠ କରୁଥିଲେ । ସେ ବହୁତ ବ୍ୟାକୁଳ ହୋଇ ନମାଜ ପଢୁଥିଲେ ଓ ବହୁତ ବିଳମ୍ବ ପର୍ଯ୍ୟନ୍ତ ହାତ ବାନ୍ଧି ନମାଜରେ ଛିଡ଼ା ହୋଇଥିଲେ । ସେ କୁହନ୍ତି ଯେ, ମୋ ମନ ଭିତରେ ଏ କଥା ଜାଣିବା ପାଇଁ ଇଚ୍ଛା ପ୍ରକାଶ ହେଲା ଯେ, ମୁ ଯାଇ ଦେଖିବି ସେ ଧିରେ ଧିରେ କଣ କହୁଛନ୍ତି । ମୁଁ ଯାଇ ଦେଖିଲି ଯେ, ସେ ବାରମ୍ବାର ସେହି ଆୟତ **ଏହ୍‌ଦେନସ୍ ସିରାତଲ୍ ମୁସ୍ତକିମ୍** ଏବଂ **ଏହ୍‌ଦେନସ୍ ସିରାତଲ୍ ମୁସ୍ତକିମ୍** କୁ ହି ବାରମ୍ବାର କହୁଥିଲେ । ଓ ବଡ଼ ଆତୁର ହୋଇ କାନ୍ଦୁ ମଧ ଥିଲେ । ସୁତରାଂ ଏହା ହେଉଛି ସେହି ଦୁଆ ଯାହାକୁ ମଣିଷ ନିଜର ମାର୍ଗଦର୍ଶନ ପାଇବା ପାଇଁ ବହୁଳ ଭାବରେ ପଢ଼ିବା ଉଚିତ ।

ପୁଣି ହଜରତ ମସିହ ମଉଦ ଆ:ସ କହୁଛନ୍ତି: ଖୁଦାତାଲାଙ୍କର ଇଏ ସଚ୍ଚା ପ୍ରତିଶୃତି ରହିଛି ଯେ, ଯେଉଁ ବ୍ୟକ୍ତି ଆନ୍ତରିକତା ଓ ପୂଣ୍ୟ ଉଦ୍ଦେଶ୍ୟ ନେଇ ତା'ର ମାର୍ଗକୁ ଖୋଜି ଥାଏ ସେ ତା ଉପରେ ସତ୍‌ଜ୍ଞାନ ଓ ତା ପାଇଁ ମାର୍ଗଦର୍ଶନର ରାସ୍ତା ଖୋଲି ଦେଇଥାଏ ଯେମିତି କି ଅଲ୍ଲାଃ ତାଲା କହିଛନ୍ତି **ଅଲ୍‌ଲଜିନା ଯାହଦୁ ଫିନା ଲନହ୍‌ଦିୟନ୍‌ହୁମ୍ ସୁବ୍‌ଲନା** "ଅର୍ଥାତ ଯେଉଁ ଲୋକ ଆମ ମଧ୍ୟରୁ ହୋଇ ପ୍ରଚେଷ୍ଟା କରିଥାନ୍ତି ଆମେ ତାଙ୍କ ଉପରେ ନିଜର ମାର୍ଗକୁ ଖୋଲି ଦେଇଥାଉଁ । ଆମ ମଧ୍ୟର ଅର୍ଥ ହେଉଛି ଏହା ଯେ, କେବଳ ନିଷ୍ଠା ଓ ପୂଣ୍ୟ ଉଦ୍ଦେଶ୍ୟ ଆଧାରରେ ଈଶ୍ୱରଙ୍କୁ ଖୋଜିବାର ଲକ୍ଷ୍ୟ ରଖିଥାଏ" ଅର୍ଥାତ ଏମାନେ ଏ ପ୍ରଚେଷ୍ଟା କରିଥାନ୍ତି ଯେ ଆମେ କିପରି ଈଶ୍ୱରଙ୍କୁ ପାଇବୁ ଅନ୍ୟ କୌଣସି ସାଂସାରିକ ଉଦ୍ଦେଶ୍ୟ ତାଙ୍କର ନଥାଏ । ଅସଲ ଉଦ୍ଦେଶ୍ୟ ଥାଏ ଈଶ୍ୱରଙ୍କୁ ପାଇବା । "କିନ୍ତୁ ଯଦି କିଏ ଥଟ୍ଟା ପରିହାସର ମାର୍ଗକୁ ଆପଣାଇ ପରୀକ୍ଷା କରିବାକୁ ଚାହୁଁଥାଏ ସେ ଦୁର୍ଭାଗା ଓ ସମସ୍ତ ପୂଣ୍ୟମାର୍ଗରୁ ବଂଚିତ ରହିଯାଏ । ତେଣୁ ଏହି ପବିତ୍ର ସିଦ୍ଧାନ୍ତ ଆଧାରରେ ଯଦି ତୁମେ ସହୃଦୟତାର ସହିତ ଚେଷ୍ଟା କରିବ ଓ ପ୍ରାର୍ଥନା କରିଚାଲିବ ତା'ହେଲେ ସେହି କରୁଣାମୟ ଈଶ୍ୱର ଅତ୍ୟନ୍ତ ଦୟାବାନ ଅଟନ୍ତି । କିନ୍ତୁ ଯଦି କିଏ ଅଲ୍ଲାଃ ତାଲାଙ୍କର ପରବାଏ କରୁନାହିଁ ସେ (ଅଲ୍ଲାଃ)ବଡ଼ ପରାକ୍ରମୀ ଅଟନ୍ତି" । *(ମଲ୍‌ଫୁଜାତ ଖଣ୍ଡ-୬, ପୃ-୪୩୯ ଏଡ଼ିଶନ୍ ୧୯୮୪)* ଅର୍ଥାତ ଅଲ୍ଲାଃ ତାଲାଙ୍କୁ ବି ତୁମ ପ୍ରତି କୌଣସ ପରବାଏ ନାହିଁ ।

ପୁଣି ହଜରତ ମସିହ ମଉଦ ଆ:ସ କହୁଛନ୍ତି "ଏ ଦୁନିଆରେ ଯେତେ ପ୍ରକାର କାମ ରହିଛି ସେ ସବୁ କାର୍ଯ୍ୟରେ ସର୍ବପ୍ରଥମେ ମଣିଷକୁ କିଛି ନା କିଛି କରିବାକୁ ପଡ଼ିଥାଏ" ଯାହା କିଛି ବି ଏ ଦୁନିଆର କାରବାର ରହିଛି ସେଥିପ୍ରତି ମଣିଷକୁ ଚେଷ୍ଟା କରିବାକୁ ପଡ଼ିଥାଏ ଉଦାହରଣ ସ୍ୱରୂପ ତୁମେମାନେ ଏହି ସାଂସାରିକ କାର୍ଯ୍ୟକୁ ବି ଦେଖିପାର । "ଯେତେବେଳେ ସେ ନିଜର ହାତଗୋଡ଼ ଚଳାଇଥାଏ ସେତେବେଳେ ପୁଣି ଅଲ୍ଲାଃ ତାଲା ସେହି କାର୍ଯ୍ୟରେ କଲ୍ୟାଣ କରିଥାନ୍ତି । ଏହି ସିଦ୍ଧାନ୍ତ ଅନୁସାରେ ଈଶ୍ୱରଙ୍କ ମାର୍ଗରେ ସେହି ଲୋକମାନେ ସିଦ୍ଧତା ପ୍ରାପ୍ତ କରିଥାନ୍ତି ଯେଉଁମାନେ ଅନବରତ ପ୍ରଚେଷ୍ଟା କରିଥାନ୍ତି । ସେଥିପାଇଁ ତ ଅଲ୍ଲାଃ ତାଲା କହିଲେ, **ଅଲ୍‌ଲଜିନା ଯାହଦୁ ଫିନା ଲନହ୍‌ଦିୟନ୍‌ହୁମ୍ ସୁବ୍‌ଲନା** । ଅତଏବ ଚେଷ୍ଟା ଜାରି ରଖିବା ଉଚିତ କାରଣ ଏହି ପ୍ରଚେଷ୍ଟା ହିଁ ସଫଳତାର ମାର୍ଗ ଅଟେ" । *(ମଲ୍‌ଫୁଜାତ ଖଣ୍ଡ-୭, ପୃ-୨୨୪, ଏଡ଼ିଶନ୍- ୧୯୮୪)*

ସୁତରାଂ ଯଦି ଆମେ ଏହି ସାଂସାରିକ ଜିନିଷକୁ ପ୍ରାପ୍ତ କରିବାପାଇଁ ନିଜର ଚେଷ୍ଟାକୁ ଅନ୍ତିମ ସ୍ଥାନରେ ପହଂଚାଇ ଦେଉଅଛେ ଓ ତା ପାଇଁ ଚେଷ୍ଟା କରିଚାଲିଛେ ତା'ହେଲେ ପୁଣି ଈଶ୍ୱରଙ୍କୁ ପାଇବା ପାଇଁ ଓ ତା'ର ମାର୍ଗକୁ ପ୍ରାପ୍ତ କରିବାପାଇଁ ଚରମ ଚେଷ୍ଟା କାହିଁକି କରୁନାହେଁ । ଆମେ କାହିଁକି ଏ କଥା ଭାବୁଛେ ଯେ, ଆମେ ମୁହଁରୁ ଟିକିଏ କଣ ବାହାର କରିଦେଲେ ଓ ଅଲ୍ଲାଃ ତାଲା ଆମକୁ ମିଳିଯିବ ବା ଆମର ପ୍ରାର୍ଥନା ଗୁଡ଼ିକ ଗ୍ରହଣୀୟ କରିନେବ । ଏଠା ତ ଏମିତି କଥା ଆସିଯାଉଛି ଯେମିତି ଲୋକମାନେ କହିଥାନ୍ତି ଯେ, ଆମ ପ୍ରାର୍ଥନାଗୁଡ଼ିକ ଗ୍ରହଣୀୟ ହୁଏନାହିଁ । ସେମାନେ ପ୍ରଥମେ ନିଜ ନିଜର ସମୀକ୍ଷା କରିନିଅନ୍ତୁ ଏପରି ହୋଇ ନ ପାରେ ଯେ, ଈଶ୍ୱରଙ୍କୁ ପାଇବା ପାଇଁ ହେଲେ ମଣିଷକୁ କମ୍ ପରିଶ୍ରମ କରିବାକୁ ପଡ଼େ ଓ ସାଂସାରିକ ବସ୍ତୁକୁ ପାଇବାକୁ ହେଲେ ଅଧିକ ପରିଶ୍ରମ କରିବାକୁ ପଡ଼ିଥାଏ । ଏମିତି କଦାପି ନୁହେଁ ।

ହଜରତ ମସିହ ମଉଦ ଆ:ସ ଆଉ ଏକ ସ୍ଥାନରେ ଏହି କଥାକୁ ବର୍ଣ୍ଣନା କରି କହିଛନ୍ତି ଯେ ଅଲ୍ଲାଃ ତାଲାଙ୍କୁ ପାଇବା ପାଇଁ ହେଲେ ଅତ୍ୟନ୍ତ ପରିଶ୍ରମ କରିବାକୁ ପଡ଼ିଥାଏ । ସୁତରାଂ ଆପଣ ଆ:ସ କହିଲେ ଯେ, "ଯେଉଁ ଲୋକମାନେ ଆମ ମାର୍ଗରେ ଚେଷ୍ଟା କରିଥାନ୍ତି ପରିଶେଷରେ ସେମାନେ ମାର୍ଗଦର୍ଶନ ଲଭିଥାନ୍ତି ଯେଉଁଭଳି ଗୋଟିଏ ମଞ୍ଜି ମାଟିରେ ପୋତା ହେବାର ଚେଷ୍ଟା ଦ୍ୱାରା ଓ ତା ଉପରେ ପାଣି ମଡ଼ାଯିବା ଦ୍ୱାରା ନଷ୍ଟ ହୋଇଯାଇଥାଏ ବରଂ ସେ ନିଜକୁ ସେଥିରେ ଲୀନ କରିଦେଇଥାଏ ସେହିଭଳି ତୁମେମାନେ ମଧ୍ୟ ଯଦି ତୁମେ ଏହାକୁ ସ୍ୱୀକାର ପ୍ରତିଦିନ ନ କରିବ ଓ ପ୍ରାର୍ଥନା ନ କରିବ ଯେ, ହେ ଈଶ୍ୱର ! ଆମର ସାହାଯ୍ୟ କର ତା'ହେଲେ ଈଶ୍ୱରଙ୍କ କୃପା ମଧ ହେବ ନାହିଁ । ବିନା ଈଶ୍ୱରଙ୍କ ସାହାଯ୍ୟରେ ପରିବର୍ତନ ଅସମ୍ଭବ" *(ମଲ୍‌ଫୁଜାତ ଖଣ୍ଡ-୭, ପୃ-୨୨୫, ଏଡ଼ିଶନ୍- ୧୯୮୪)*

ଅତଏବ ଏହା ହେଉଛି ପ୍ରକୃତିର ନିୟମ । ଈଶ୍ୱରଙ୍କୁ ପାଇବା ପାଇଁ ମଧ ଏହା ଜରୁରୀ ଅଟେ । ଯେଉଁଭଳି ଜମିରେ ମଞ୍ଜି ବୁଣିଦେଇ ଜଣେ ଚାଷି ବସି ରହେନାହିଁ ଠିକ୍ ସେହିଭଳି ଏଠାରେ ମଧ୍ୟ ମଣିଷକୁ କେବଳ ଏତିକି ଭାବିବା ଉଚିତ ନୁହେଁ ଯେ, ମୁଁ ଇମାନ୍ ନେଇ ଆସିଛି, ମୁଁ ଈଶ୍ୱରଙ୍କ ଉପରେ ବିଶ୍ୱାସ କରିନେଇଛି, ମୁଁ ତାକୁ ମାନି ନେଇଛି ଏ କଥା ଭାବି ବସିପଡ଼ିବା ଦ୍ୱାରା କିଛି ପ୍ରାପ୍ତ ହେବନାହିଁ । ବରଂ ଅନବରତ ପ୍ରଚେଷ୍ଟା କରିବାକୁ ପଡ଼ିବ । ନିଜ ଇମାନ୍‌ର ଚାରାକୁ ଦେଖାଶୁଣା କରିବାକୁ ପଡ଼ିବ ।

ପୁଣି ହଜରତ୍ ମସିହ୍ ମଉଦ ଆ ସ କୁହନ୍ତି ଯେ "ଯେଉଁ ବ୍ୟକ୍ତି ଖୁଦାତାଲାଙ୍କ ଆଡକୁ ଲେଉଟିବ, ଅଲ୍ଲାଃତାଲା ମଧ୍ୟ ତାଆଡକୁ ଲେଉଟିବେ । ହଁ ଏକଥା ଜରୁରୀ ଯେ ସେ ଯଥାସମ୍ଭବ ନିଜଆଡୁ କୌଣସି ପ୍ରକାରର ଅବହେଳା ନକରୁ । ପୁଣି ଯେତେବେଳେ ତାର ପ୍ରଚେଷ୍ଟା ଚରମ ସୀମାରେ ପହଁଚି ଯିବ ସେତେବେଳେ ସେ ଖୁଦାତାଲାଙ୍କ ନୂର୍ (ଜ୍ୟୋତି)କୁ ଦେଖିନେବ । ***ୱଲ୍ଲଜିନା ଜାହଦୁ ଫିନା ଲନହଦିୟନ୍ନହୁମ୍ ସୁବୁଲନା*** "(ଅର୍ଥାତ୍ ଯେଉଁମାନେ ଆମ ମାର୍ଗରେ ପ୍ରୟାସ କରିଥାନ୍ତି ଆମେ ସେମାନଙ୍କ ଆବଶ୍ୟକାନୁସାରେ ସେମାନଙ୍କ ମାର୍ଗଦର୍ଶନ କରିଥାଉଁ) ପୁଣି ହଜରତ୍ ମସିହ୍ ମଉଦ ଆ ସ କୁହନ୍ତି ଯେ"ଏଥିରେ ଏକଥା ପ୍ରତି ଇସାରା କରାଯାଇଅଛି ଯେ ଚେଷ୍ଟା ଓ ପ୍ରୟାସ କରିବାର ଯେଉଁ ହକ୍ ରହିଛି , ସେହି ହକ୍‌କୁ ସେ ସମ୍ପୂର୍ଣ୍ଣ ରୂପେ ସମ୍ପାଦନ କରିବ । ଏପରି ନହେଉ ଯେ ଯଦି କୋଡିଏହାତ ଖୋଳିଲେ ପାଣିବାହାରିଥାଏ, ସେ କେବଳ ଦୁଇହାତ ଖୋଳି ସାହସହାରି ବସିପଡୁ ।" ଯଦି କୋଡିଏ ଫୁଟ ବା ତିରିଶି ଫୁଟ ଖୋଳିଲେ ପାଣି ବାହାରିଥାଏ , କିନ୍ତୁ ଦୁଇ ଚାରି ଫୁଟ ଖୋଳି ବସିପଡିଲେ କଣ ପାଣି ବାହାରିପଡିଥାଏ କି । ପୁଣି ହଜରତ୍ ମସିହ୍ ମଉଦ ଆ ସ କୁହନ୍ତି " ପ୍ରତ୍ୟେକ କାର୍ଯ୍ୟର ସଫଳତାର ଏହା ହିଁ ମୂଳ ଯେ ସାହସ ନ ହାରନ୍ତୁ ।

ପୁଣି ଏହି ସମ୍ପ୍ରଦାୟ ନିମନ୍ତେ

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.7 Thursday 02-09 June 2022 Issue No. 22-23

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

**MANAGER**
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ଅଲ୍ଲାଃତାଲାଙ୍କର ଏ ପ୍ରତିଶ୍ରୁତି ରହିଛି ଯେ ଯଦି କିଏ ସମ୍ପୂର୍ଣ୍ଣ ରୂପେ ଦୁଆ ଏବଂ ଆତ୍ମ-ଶୁଦ୍ଧତା ସହିତ କାର୍ଯ୍ୟ କରିବ, ତା ପାଇଁ ପବିତ୍ର କୁରଆନରେ ଥିବା ସମସ୍ତ ପ୍ରତିଶ୍ରୁତି ପୂରଣ କରାଯିବ ।” ଯିଏ ସାହସର ସହିତ ସମ୍ପୂର୍ଣ୍ଣ ରୂପେ ଦୁଆ ତଥା ଆତ୍ମ-ଶୁଦ୍ଧତା ସହିତ କାର୍ଯ୍ୟ କରିବ, ତା ପାଇଁ ପବିତ୍ର କୁରଆନରେ ଥିବା ସମସ୍ତ ପ୍ରତିଶ୍ରୁତିକୁ ପୂରଣ କରା ହିଁ ଯିବ ।“ ହଁ ଯିଏ ଖିଲାଫ କାମ କରିବ ସେ ସେଥିରୁ ବଂଚିତ ରହିବ । କାରଣ ଈଶ୍ୱରଙ୍କ ଅସ୍ତିତ୍ୱ ହେଉଛି ବଡ ସ୍ୱାଭିମାନୀ । ସେ ତାହା ଆଡକୁ ଯିବାର ରାସ୍ତା ଜରୁର ରଖିଛି କିନ୍ତୁ ସେହି ରାସ୍ତାର ଦରଜାକୁ ବହୁତ ସଂକୀର୍ଣ୍ଣ କରିରଖିଛି । ସେଠାରେ ସେହି ବ୍ୟକ୍ତି ପହଁଚିଥାଏ ଯିଏ ତିକ୍ତତାର ସରବତ୍ ପାନକରିଥାଏ ।” ଏଥି ସକାଶେ ବହୁତ ପରଶ୍ରମ କରିବାକୁ ପଡିଥାଏ । “ଲୋକମାନେ ଏ ଭୌତିକ ସଂସାରର ଚିନ୍ତାରେ ନାନା ଦୁଃଖ କଷ୍ଟ ସହୁଛନ୍ତି । ଏପରିକି କିଛି ଲୋକମାନେ ଏହି (ଦୁଃଖ କଷ୍ଟରେ ପଡି) ନିଶେଷ ହୋଇଯାଉଛନ୍ତି । କିନ୍ତୁ ଅଲ୍ଲାଃତାଲଙ୍କ ପାଇଁ ଗୋଟିଏ କଂଟା କୁ ବି ସହ୍ୟ କରିବାକୁ ପସନ୍ଦ କରୁନାହାନ୍ତି । ଯେ ପର୍ଯ୍ୟନ୍ତ ତା ତରଫରୁ ସତ୍ୟନିଷ୍ଠା , ଧୌର୍ଯ୍ୟ ଏବଂ ବିଶ୍ୱସ୍ତତାର କୌଣସି ଚିହ୍ନ ପ୍ରକାଶ ନପାଇଛି ।” ଅର୍ଥାତ ଯେପର୍ଯ୍ୟନ୍ତ ଭକ୍ତ ତରଫରୁ ସତ୍ୟନିଷ୍ଠା , ଧୌର୍ଯ୍ୟ ଏବଂ ବିଶ୍ୱସ୍ତତାର କୌଣସି ଚିହ୍ନ ପ୍ରକାଶ ନପାଇଛି ସେପର୍ଯ୍ୟନ୍ତ ଏପଟେ ଅଲ୍ଲାଃତାଲାଙ୍କ ତରଫରୁ ବି କୌଣସି ପ୍ରକାରର କରୁଣା ଓ ଦୟାର ସଂକେତ ପ୍ରକାଶ ପାଇନଥାଏ । ପୁଣି ହଜରତ୍ ମସିହ୍ ମଉଦ ଆ ସ କୁହନ୍ତି ଯେ “ଏପଟେ କରୁଣାର ସଂକେତ କିପରି ପ୍ରକାଶ ପାଇବ ।” (ମଲଫୁଜାତ୍ ଖ-୭, ପୃ-୨୯୧, ଏଡିଶନ୍ ୧୯୮୪)

ଅତେବ ଏହା ହେଉଛି ସେହି ଲୋକମାନଙ୍କ ପ୍ରଶ୍ନର ଉତର, ଯେଉଁମାନେ ଏକଥା କହୁଛନ୍ତି ଯେ ଆମେମାନେ ବହୁତ ଦୁଆ କଲୁ କିନ୍ତୁ ଆମମାନଙ୍କର ଦୁଆ କୁବୁଲ୍ (ଅର୍ଥାତ ଗ୍ରହଣ)ହେଲାନାହିଁ । ସତେ ଯେପରି ସେମାନେ ଖୁଦାତାଲାଙ୍କୁ ଏଥି ସକାଶେ ବାଧ୍ୟ କରୁଛନ୍ତି ଯେ, ଆମେମାନେ ଖୁଦାତାଲାଙ୍କ ପାଖକୁ ନିଜ ଇଛାରେ ଆସିବୁ ଓ ଯେବେ ଦରକାର ପଡିବ ସେତେବେଳେ ଆସିବୁ । ଆମେ ଯାହା ବି କହିବୁ ସେ ଆମକଥାକୁ ମାନି ଆମ ପ୍ରାର୍ଥନାକୁ କୁବୁଲ୍ (ଗ୍ରହଣ) କରିନେଉ ନଉଜୁବିଲ୍ଲାଃ । କିନ୍ତୁ ହଜରତ୍ ମସିହ୍ ମଉଦ ଆ ସ କୁହନ୍ତି ଯେ ଏକଥା ତ ସେମାନେ ଏ ସଂସାରର ନିୟମ କାନୁନରେ ଅବଲୋକନ କରୁଅଛନ୍ତି ଯେ ଏଠାରେ ଏମିତି ହୁଏନାହିଁ । ତାହେଲେ ପୁଣି ଖୁଦାତାଲାଙ୍କ ମାମଲାରେ କାହିଁକି ଏ ଆଶା ରଖୁଛନ୍ତି ଯେ ଯେମିତି ଆମେ ଚାହୁଁଛୁ ସେମିତି ହୋଇଯାଉ , ଏବଂ ବିନା କୌଣସି ପରିଶ୍ରମରେ ହୋଇଯାଉ । ସୁତରାଂ ଏଠାରେ ଏକଥା କହଛନ୍ତି ଯେ ପୂର୍ଣ୍ଣ ନିଷ୍ଠାର ସହିତ ଶୁଦ୍ଧଚିତ ହୋଇ ଅଲ୍ଲାଃତାଲାଙ୍କ ଆଡକୁ ଆସ । ତାପରେ ଯାଇ ତୁମେ ପ୍ରେମର ଦୃଶ୍ୟ ଦେଖିପାରିବ ।

ପୁଣି ହଜରତ୍ ମସିହ୍ ମଉଦ ଆ ସ କୁହନ୍ତି ଯେ “ ମନେ ରଖିବା ଉଚିତ ଯେ ବିନା କର୍ମରେ ଇମାନ୍ (ଅର୍ଥାତ ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖିବା)ହେଉଛି ଏପରି ଯେପରି କୌଣସି ବଗିଚା ବିନା ନଦୀରେ ।” ଅର୍ଥାତ ବିନା ଜଳସେଚନ ଓ ବିନା କୌଣସି ପାଣିର ବ୍ୟବସ୍ଥାରେ ବଗିଚା କରିବା । “ଯେଉଁ ବୃକ୍ଷ ରୋପଣ କରାଯାଏ , ଯଦି ତା ମାଲିକ ତାକୁ ପାଣି ନମଡାଏ ଓ ସେଥିରେ ଜଳସେଚନର କିଛି ପ୍ରବନ୍ଧ ନକରେ ତାହେଲେ ସେ ଦିନେ ନା ଦିନେ ଶୁଖିଯିବ । ଠିକ୍ ସେହିପରି ଇମାନର ଅବସ୍ଥା ହୋଇଥାଏ । ***ୱଲ୍ଲଜିନା ଜାହଦୁ ଫିନା ଲନହଦିୟନ୍ନହୁମ୍ ସୁବୁଲନା*** ଅର୍ଥାତ୍ ତୁମେମାନେ ଧିରେ ଧିରେ କାମ କରନାହିଁ ବରଂ ଏହି ମାର୍ଗରେ ବଡ ବଡ ମୁଜାହିଦାତ୍ (ପ୍ରଚେଷ୍ଟା ଓ ଅନବରତ ପ୍ରୟାସ)କରିବାର ଆବଶ୍ୟକତା ରହିଛି । ମନକୁ ଗୋଟିଏ ବଳଦ ସହିତ ତୁଳନା କରାଯାଛି ।”

(ତଫ୍‌ସୀର୍ ହଜରତ୍ ମସିହ୍ ମଉଦ୍ ଆ ସ , ଖ-୩ , ପୃ-୬୩୧)

ଅତଃ ଅଲ୍ଲାଃତାଲା ଯାହା ଭାଷିଛନ୍ତି ଯେ ***ୱଲ୍‌ୟୁମିନୁ ବି*** ଅର୍ଥାତ ମତେ ଯିଏ ଡାକିବ , ସେ ମୋ ଉପରେ ଇମାନ୍ ଆଣିବ । ଇମାନର ଅର୍ଥ ହେଉଛି ଏହା କି ହୁକୁକୁଲ୍ଲାଃ ଅଓର୍ ହୁକୁକୁଲ୍ ଇବାଦ୍ (ଅର୍ଥାତ ଅଲ୍ଲାଃଙ୍କ ପ୍ରତି ଥିବା କର୍ତବ୍ୟ ଏବଂ ତା ପ୍ରାଣୀମାନଙ୍କ ପ୍ରତି ଥିବା କର୍ତବ୍ୟ)ପାଳନ କରିବାରେ ହିଁ ଅଲ୍ଲାଃତାଲାଙ୍କ ଉପରେ ଇମାନ୍ ଆଣିବାର ହକକୁ ପ୍ରଦାନ କରିବା । ଅଲ୍ଲାଃତାଲା ଇମାନ୍(ବିଶ୍ୱାସ)ରୂପକ ବଗିଚାର ଦେଖଭାଲ କରିବା ପାଇଁ ତା ଭକ୍ତମାନଙ୍କୁ ଆଦେଶ ଦେଇଛନ୍ତି । ଆମେମାନେ ଆମ ଘରେ ବି ଏହା ଦେଖିଥାଉଁ ଯେ ଯଦି ଚାରାବୃକ୍ଷଗୁଡିକର ଆମେ ନିୟମିତ ଦେଖଭାଲ କରୁନାହେଁ , ସେମାନଙ୍କ ପ୍ରତି ଧ୍ୟାନ ଦେଉନାହାନ୍ତି, ତାହେଲେ ସେଗୁଡିକ ଶୁଖିଯାଉଛନ୍ତି । ତାହେଲେ ଏପରିସ୍ଥଳେ ଆମେମାନେ ଇମାନ୍ ରୂପକ ବଗିଚାକୁ କିପରି ବିନା କୌଣସି ଦେଖଭାଲରେ ଛାଡିପାରିବା । ପୁଣି ଆଉ ଏକ ପାର୍ଶ୍ୱରୁ ହଜରତ୍ ମସିହ୍ ମଉଦ ଆ ସ ଏକଥାକୁ ବର୍ଣ୍ଣନା କରି କୁହନ୍ତି ଯେ ଅଲ୍ଲାଃତାଲା କହୁଛନ୍ତି “ଆମ ମାର୍ଗରେ ଥିବା ମୁଜାହିଦ(ଅହରହ ଚେଷ୍ଟାକରୁଥିବା ବ୍ୟକ୍ତି)ଙ୍କୁ ରାସ୍ତା ମିଳିବ । ଏହାର ଅର୍ଥ ହେଉଛି ଏହାକି ଏହି ମାର୍ଗରେ ପୟମ୍ବରମାନଙ୍କ ସହିତ ମିଶି ଭରପୁର୍ ପ୍ରଚେଷ୍ଟା କରିବାକୁ ହେବ । ଘଂଟାଏ ଦିଘଂଟା ପରେ ପଳାୟନ କରୁଥିବା ମୁଜାହିଦ୍ (ଯୋଦ୍ଧା ବ୍ୟକ୍ତି)ର କାମ ନୁହେଁ । ବରଂ ଜୀବନ ଦେବାପାଇଁ ପ୍ରସ୍ତୁତ ରହିବା ତାହାର କାମ । ଅତଃ ଜଣେ ମୁତ୍‌ତକି(ଧର୍ମପରାୟଣ)ବ୍ୟକ୍ତିର ଚିହ୍ନ ହେଉଛି ଦୃଢତା ପ୍ରଦର୍ଶନ କରିବା ।” (ମଲଫୁଜାତ୍ , ଖ-୦୧ , ପୃ-୨୫ , ଏଡିଶନ୍ ୧୯୮୪)

ସୁତରାଂ ଆମେମାନେ ଆମ ବୟତର ସଂକଳ୍ପ (ଅହଦ୍)ରେ ଏ ସଂକଳ୍ପ କରିଅଛେ ଯେ ଆମେ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବା । ତାହେଲେ ଆଉପରେ ପ୍ରତିଷ୍ଠିତ ରହିବାକୁ ହେଲେ ଏହାର ଆବଶ୍ୟକ ରହିଛି ଯେ ଆମେ ଏହା ଦେଖିବା ଯେ ଦୀନ୍ (ଧର୍ମ)ଆମଠାରୁ କ’ଣ ଚାହୁଁଅଛି , ଯାହାକୁ ଆମେ ପ୍ରାଧାନ୍ୟ ଦେବା । ପୁଣି ତାପରେ ଆମେ ତାଉପରେ ଦୃଢତାର ସହିତ ପ୍ରତିଷ୍ଠିତ ବି ରହିବା ।

ପୁଣି ହଜରତ୍ ମସିହ୍ ମଉଦ ଆ ସ କୁହନ୍ତି ଯେ “ଯେଉଁ ବ୍ୟକ୍ତି କେବଳ ଅଲ୍ଲାଃତାଲାଙ୍କୁ ଭୟକରି ତାହାଙ୍କ ମାର୍ଗରେ ପରିଚାଳିତ ହେବାପାଇଁ ଚେଷ୍ଟାକରିଥାଏ ଓ ସେଥିରେ ସଫଳ ହେବାପାଇଁ ପ୍ରାର୍ଥନା କରିଥାଏ , ଅଲ୍ଲାଃତାଲା ନିଜର ନିୟମ ମୁତାବକ(***ୱଲ୍ଲଜିନା ଜାହଦୁ ଫିନା ଲନହଦିୟନ୍ନହୁମ୍ ସୁବୁଲନା*** ଅର୍ଥାତ୍ ଯେଉଁମାନେ ଆମ ମାର୍ଗରେ ରହି ପ୍ରୟାସ କରିଥାନ୍ତି ଆମେ ସେମାନଙ୍କୁ ଆମର ମାର୍ଗ ଦେଖାଇଥାଉଁ । ) ସ୍ୱୟଂ ସେମାନଙ୍କ ହାତକୁ ଧରି ମାର୍ଗଦର୍ଶନ କରାଇଥାଉଁ ଓ ତାଙ୍କ ହୃଦୟକୁ ସନ୍ତୁଷ୍ଟ କରିଥାଉଁ । ଯଦି ତାର ହୃଦୟ ଅନ୍ଧାରରେ ଥାଏ ଓ ତା ମୁହଁ ପ୍ରାର୍ଥନା କରି କରି ଥକିଯାଉଥାଏ ଏବଂ ସେ ଅନେକେଶ୍ୱରବାଦ(ଶିର୍କ) ତଥା ଅଭିନବତା (ବିଦ୍‌ଅତ)ରେ ଜଡିତ ଥିବ । ତାହେଲେ ସେ ଦୁଆ କ’ଣ ବା ସେ ମାଗିବା କ’ଣ ଯେ ତାହାର ଉତମ ଫଳାଫଳ ବାହାରିବ ।” ***(ତଫସୀର୍ ହଜରତ୍ ମସିହ୍ ମଉଦ୍ ଆ ସ ଖ-୩ , ପୃ-୬୩୨)***

ଅତେବ ଆମକୁ ନିଜର ସମୀକ୍ଷା କରିବା ଉଚିତ ଯେ କ’ଣ ଆମେ ଏହି ଚିନ୍ତାଧାରା ରଖି ଅଲ୍ଲାଃତାଲାଙ୍କ ମାର୍ଗକୁ ଖୋଜୁଛେ ଓ ଆମର ମନ ଓ ହୃଦୟ ଗୈରୁଲ୍ଲାଃ(ଅନେକେଶ୍ୱରବାଦ)ରି ସମ୍ପୂର୍ଣ୍ଣ ରୂପେ ରହିତ ହୋଇସାରଛି କି ?

ପୁଣି ତୌବାଃ ଏବଂ ଇସ୍ତିଗ୍‌ଫାର୍ କରିବା ପ୍ରତି ଧ୍ୟାନଆକର୍ଷଣ କରାଇ ହଜରତ୍ ମସିହ୍ ମଉଦ ଆ ସ କୁହନ୍ତି ଯେ “ତୌବାଃ ଏବଂ ଇସ୍ତିଗ୍‌ଫାର୍ ଅଲ୍ଲାଃତାଲାଙ୍କ ଆଡକୁ ଯିବାର ମାଧ୍ୟମ ଅଟେ । ଅଲ୍ଲାଃତାଲା କୁହନ୍ତି ***ୱଲ୍ଲଜିନା ଜାହଦୁ ଫିନା ଲନହଦିୟନ୍ନହୁମ୍ ସୁବୁଲନା*** ଅର୍ଥାତ୍ ପୂର୍ଣ୍ଣ ପ୍ରୟାସ କରି ତା ରାସ୍ତାରେ ଲାଗିରୁହ, ଲକ୍ଷ୍ୟସ୍ଥଳରେ ପହଁଚିଯିବ । ଅଲ୍ଲାଃତାଲା କାହା ପ୍ରତି କୃପଣ ନୁହନ୍ତି ।” ***(ମଲଫୁଜାତ୍ , ଖ-୧୦ , ପୃ-୧୦୭)***

ହଜରତ୍ ମସିହ୍ ମଉଦ ଆ ସ କୁହନ୍ତି ଯେ “ପବିତ୍ର କୁରଆନର ଶିକ୍ଷାରୁ ଆମେ ଏହା ଜାଣୁଛୁ ଯେ ଗୋଟିଏ ପଟେ ଅଲ୍ଲାଃତାଲା ପବିତ୍ର କୁରଆନରେ ନିଜର

*ଅବଶିଷ୍ଟାଂଶ ପୃଷ୍ଠା- ୫ ରେ ଦେଖନ୍ତୁ.....*

| ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ | ‘‘ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ’’ |
|---|---|

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan